


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା

E-mail : sambadkalikanews@gmail.com
The Sambad Kalika

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୨୨ ● ୧୭ ଫେବୃଆରୀ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-22 ● 17th February 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ନୂଆଦିଲ୍ଲୀ ରେଳ ଷ୍ଟେସନରେ ଦଳାଚକଟା: ୩ ଶିଶୁ ସମେତ ୧୮ ମୃତ



**ନୂଆଦିଲ୍ଲୀ, ୧୬/୨**

ନୂଆଦିଲ୍ଲୀ ରେଳ ଷ୍ଟେସନରେ ରାତିରେ ଅଚାନକ ଅସମ୍ଭବ ଭିଡ଼ ଯୋଗୁଁ ଦଳାଚକଟା ହୋଇ ୩ ଶିଶୁଙ୍କ ସମେତ ୧୮ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୦ ଜଣ ମହିଳା ଥିବା ଜଣାପଡ଼ିଛି। ଆଉ ୧୦ ଜଣ ଆହତଙ୍କୁ ଏଲ୍‌ଏନଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଷ୍ଟେସନର ୧୪, ୧୫ ଓ ୧୬ ନମ୍ବର ପ୍ଲାଟଫର୍ମରେ ଭିଡ଼ ଅନିୟନ୍ତ୍ରିତ ହେବାରୁ ଏଭଳି ଅଘଟଣ ଘଟିଛି। ଶ୍ୱାସରୁଦ୍ଧ ହୋଇ ଅନେକ ଲୋକ ପ୍ରାଣ ହରାଇଥିବା ବେଳେ ୨୦ରୁ ଅଧିକ ଅଚେତ ହୋଇ ପଡ଼ିଥିଲେ। ମହାକୁମ୍ଭ ଯାଉଥିବା ୩ଟି ଟ୍ରେନର ଯାତ୍ରୀମାନେ ଏକସାଙ୍ଗରେ ପ୍ଲାଟଫର୍ମରେ ଏକାଠି ହେବାରୁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ହଜାର ହଜାର ଲୋକଙ୍କ ଭିଡ଼ ଭିତରେ ଶ୍ୱାସରୁଦ୍ଧ ସ୍ଥିତି ସୃଷ୍ଟି ହେବାରୁ ଏହା ଦଳାଚକଟାର ରୂପ ନେଇଥିଲା। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ନୂଆଦିଲ୍ଲୀ ଷ୍ଟେସନରେ ଏବେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ଏବଂ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଇଛି। ଦିଲ୍ଲୀ ପୁଲିସ ଓ ଆରପିଏଫ୍ ପରିସ୍ଥିତିକୁ ନିୟନ୍ତ୍ରଣ କରିଛନ୍ତି। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀରୁ ୪ଟି ନୂଆ ମହାକୁମ୍ଭ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବାକୁ ରେଳମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖପ୍ରକାଶ କରିବା ସହ ମୃତାହତଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଦିଲ୍ଲୀ ଅଗ୍ନିଶମ ବିଭାଗ କହିଛି ଯେ ଦଳାଚକଟା ଖବର ମିଳିବା ମାତ୍ରେ ଘଟଣାସ୍ଥଳରେ ୪ଟି ଦମକଳ ବାହିନୀ ପହଞ୍ଚିଥିଲା ଏବଂ ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ଓ ଆରପିଏଫ୍ ସହାୟତାରେ ଜରୁରି ପଦକ୍ଷେପ ନେଇ ସ୍ଥିତି ନିୟନ୍ତ୍ରଣ କରିଥିଲା। ପରବର୍ତ୍ତୀ ସମୟରେ ଦିଲ୍ଲୀ ମୁଖ୍ୟ ଶାସନ ସଚିବ ଓ ପୁଲିସ କମିଶନର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ତଦାରଖ କରିବା ସହ ରିଲିଫ କର୍ମଚାରୀଙ୍କୁ ନିୟୋଜିତ କରିଛନ୍ତି। ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ହସ୍ପିଟାଲ ପ୍ରସ୍ତୁତ ଥିବା ଜଣାପଡ଼ିଛି। *(ପୃଷ୍ଠା ୭ରେ)*

### ନୂଆଦିଲ୍ଲୀ ରେଳଷ୍ଟେସନରେ ଦଳାଚକଟା ଘଟଣା

## ୧୦ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କଲା ରେଳ ବିଭାଗ

**ନୂଆଦିଲ୍ଲୀ, ୧୬।୨**

ଦିଲ୍ଲୀ ଷ୍ଟେସନରେ ଦଳାଚକଟା ଘଟଣାକୁ ନେଇ ସହାୟତା ଘୋଷଣା କରାଯାଇଛି। ଏହି ଦଳାଚକଟାରେ ୧୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୨ ଜଣ ଆହତ ହୋଇଛନ୍ତି। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଲେଖାଏଁ ସହାୟତା ଘୋଷଣା କରାଯାଇଥିବାବେଳେ ଗୁରୁତରଙ୍କ ପାଇଁ ୨.୫୦ ଲକ୍ଷ ଓ ଆହତଙ୍କୁ ୧ ଲକ୍ଷ ଟଙ୍କା ଘୋଷଣା କରାଯାଇଛି।

ନୂଆଦିଲ୍ଲୀ ରେଳଷ୍ଟେସନରେ ଦିଲ୍ଲୀରୁ ପ୍ରୟାଗରାଜ ମହାକୁମ୍ଭକୁ ଯିବା ପାଇଁ ଥିବା ୨ଟି ସ୍ୱତନ୍ତ୍ର ଟ୍ରେନ୍ ପହଞ୍ଚିବାରେ ବିଳମ୍ବ ହେବାରୁ ଷ୍ଟେସନରେ ଭିଡ଼ ବଢ଼ିଥିଲା। ରାତି ପ୍ରାୟ ୧୦ଟା ବେଳେ ଟ୍ରେନ୍ ଧରିବା ପାଇଁ ୧୪ ଓ ୧୫ ନମ୍ବର ପ୍ଲାଟଫର୍ମରେ ହଜାର ହଜାର ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ। ଗହଳି ଏବଂ ଠେଲାପେଲା ମଧ୍ୟରେ ଅନେକ ଯାତ୍ରୀ ତଳେ ପଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ଆହତଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିବାବେଳେ ୧୫ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଆଉ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ଶ୍ରୀ ମୋଦି ସୋସିଆଲ ମିଡିଆ 'ଏକ୍ସ'ରେ ଲେଖିଛନ୍ତି ଯେ, ନୂଆଦିଲ୍ଲୀ ରେଳ ଷ୍ଟେସନରେ ଦଳାଚକଟା ଯୋଗୁ ମୁଁ ମର୍ମାହତ। ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ମୋର ସମବେଦନା। ଆହତମାନେ ଶୀଘ୍ର ଆରୋଗ୍ୟ ହୁଅନ୍ତୁ ବୋଲି ମୁଁ ପ୍ରାର୍ଥନା କରୁଛି। ଏହି ଦଳାଚକଟା ଦ୍ୱାରା ପ୍ରଭାବିତ ସମସ୍ତଙ୍କୁ କର୍ତ୍ତୃପକ୍ଷ ସହାୟତା କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଲେଖିଛନ୍ତି।

## ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କୋହଲା ପବନ ସାଙ୍ଗକୁ ବଜ୍ରପାତ ସମ୍ଭାବନା

**ଭୁବନେଶ୍ୱର, ୧୬ /୦୨**
**ନ୍ୟୁଜ ବ୍ୟୁରୋ**

ଆଗାମୀ ୧୯ ତାରିଖ ସକାଳ ପର୍ଯ୍ୟନ୍ତ କୌଣସି ଚେତାବନୀ ନଥିବା ବେଳେ ୧୯ ତାରିଖ ସକାଳ ଠାରୁ ୨୧ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାରେ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ୧୯ ତାରିଖ ସକାଳ ଠାରୁ ୨୦ ତାରିଖ ସକାଳ ପର୍ଯ୍ୟନ୍ତ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ଚେତାବନୀ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର ଏବଂ ଯାଜପୁର । ସେହିପରି ୨୦ ତାରିଖ ସକାଳ ଠାରୁ ୨୧ ତାରିଖ ସକାଳ ପର୍ଯ୍ୟନ୍ତ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ଚେତାବନୀ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, *(ପୃଷ୍ଠା ୭ରେ)*

## ଭାରତକୁ ୧୮୨ କୋଟିର ଆର୍ଥିକ ସହାୟତା ବନ୍ଦ କଲା ଆମେରିକା



**ୱାସିଂଟନ, ୧୬/୨**

ଆମେରିକାର ଡୋନାଲ୍ଡ ଟ୍ରମ୍ପ ସରକାର ଦେଶର ଆର୍ଥିକ ସ୍ଥିତିକୁ ମଜଭୁତ କରିବା ଲାଗି ଖର୍ଚ୍ଚ କାଟ ଜାରି ରଖିଛି। ଏହି ଅବସରରେ ଆମେରିକା ଭାରତକୁ ଦେବାକୁ ଥିବା ୧୮୨ କୋଟି ଟଙ୍କାର ଆର୍ଥିକ ସହାୟତା ଉପରେ ରୋକ୍ ଲଗାଇଛି। ଏଲନ ମସ୍କଙ୍କ ସରକାରୀ ଦକ୍ଷତା ବିଭାଗ (ଡିଓଜିଇ) ରବିବାର ଘୋଷଣା କରି କହିଛି ଯେ, ଆମେରିକା ଭାରତରେ ମତଦାନ ପ୍ରତିଶତ ବୃଦ୍ଧି କରିବା ଲାଗି ଦେଉଥିବା ୨୧ ନିୟୁତ ଡଲାର କାର୍ଯ୍ୟକ୍ରମ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ସୂଚନାଯୋଗ୍ୟ, ଡୋନାଲ୍ଡ ଟ୍ରମ୍ପ ସରକାରୀ ଖର୍ଚ୍ଚ କାଟ କରିବା ଲାଗି ଏକ ନୂଆ ବିଭାଗ ସୃଷ୍ଟି କରିଛନ୍ତି। ଏହାର ନାଁ ହେଉଛି ଡିପାର୍ଟମେଣ୍ଟ ଅଫ ଗଭର୍ଣ୍ଣମେଣ୍ଟ ଏଫିସିଏନସି (ଡିଓଜିଇ)। ଏହି ବିଭାଗ ସରକାରଙ୍କ ଖର୍ଚ୍ଚ ହ୍ରାସ କରିବା ଦିଗରେ ପଦକ୍ଷେପ ନେଉଛି। ଟ୍ରମ୍ପ ଟେସଲା ମାଲିକ ଏଲନ ମସ୍କଙ୍କୁ ଏହି ବିଭାଗର ମୁଖ୍ୟ ଭାବେ ନିଯୁକ୍ତ କରିଛନ୍ତି। ମସ୍କ ଅତି ଗମ୍ଭୀରତାର ସହିତ ବିଶ୍ୱବ୍ୟାପୀ ଆମେରିକା ଦେଉଥିବା ସମସ୍ତ ଅନୁଦାନର ତନ୍ନ ତନ୍ନ କରି ଯାଞ୍ଚ କରୁଛନ୍ତି ଏବଂ ସରକାରୀ ନୀତି ଅନୁସାରେ ନିଷ୍ପତ୍ତି ନେଉଛନ୍ତି। ଡିଓଜିଇ ପକ୍ଷରୁ ସାମାଜିକ ଗଣମାଧ୍ୟମ ଏକ୍ସରେ ଏକ ପୋଷ୍ଟ ଜରିଆରେ ଘୋଷଣା କରାଯାଇଛି ଯେ, ଆମେରିକା କରଦାତାଙ୍କ ଅର୍ଥ ଯେଉଁ ସବୁ ଉପାୟରେ ଖର୍ଚ୍ଚ କରାଯିବାର ଥିଲା ତାହାକୁ ରଦ୍ଦ କରିଦିଆଯାଇଛି।

## ବାର୍ଷିକ ୩ରୁ ୬ ଲକ୍ଷ ଆୟକାରୀଙ୍କୁ ମିଳିବ ପିଏମ୍ ଆବାସ ଘର




**ନୂଆଦିଲ୍ଲୀ, ୧୬/୨**

ନିଜସ୍ୱ ଘର କରିବା ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ନିଜ ସ୍ୱପ୍ନ ପାଇଁ ବହୁତ କଠିନ ପରିଶ୍ରମ କରନ୍ତି। ନିଜ ସ୍ୱଅର୍ଜିତ ପୁଞ୍ଜି ଜମା କରିବା ପରେ ବି ଅନେକ ଲୋକ ଘର କରିପାରୁନାହାଁନ୍ତି କି ନିର୍ମାଣ କରି ପାରୁନାହାଁନ୍ତି। ଏଥିପାଇଁ ସରକାର ୨୦୧୫ ମସିହାରେ ପିଏମ୍ ଆବାସ ଯୋଜନା ଆରମ୍ଭ କରିଥିଲେ। ଯାହା ଅଧୀନରେ ଏପର୍ଯ୍ୟନ୍ତ କୋଟି କୋଟି ଲୋକ ଲାଭ ପାଇସାରିଛନ୍ତି। ଆବାସ ଯୋଜନାର ଲାଭ ପାଇବା ପାଇଁ ସରକାର କିଛି ଯୋଗ୍ୟତା ମାନଦଣ୍ଡ ସ୍ଥିର କରିଛନ୍ତି। ପିଏମ୍ ଆବାସ ଯୋଜନା ଅଧୀନରେ ବିଭିନ୍ନ ବର୍ଗର ଲୋକମାନେ ଭିନ୍ନ ଭିନ୍ନ ଆଧାରରେ ଉପକୃତ ହୁଅନ୍ତି। ଏଥିରେ ଦୁର୍ବଳ ବର୍ଗ (ଇଡବ୍ଲୁଏସ୍), ନିମ୍ନ ଆୟ ଗୋଷ୍ଠୀ (ଏଲ୍‌ଆଇଜି) ଓ ମଧ୍ୟମ ଆୟ ଗୋଷ୍ଠୀ (ଏମ୍‌ଆଇଜି)ର ପରିବାର ଅନ୍ତର୍ଭୁକ୍ତ। ଯଦି ଦୁର୍ବଳ ବର୍ଗର ବ୍ୟକ୍ତି ଅର୍ଥାତ ଇଡବ୍ଲୁଏସ୍ ବର୍ଗର ବ୍ୟକ୍ତି ଏହି ଯୋଜନାରେ ସୁବିଧା ପାଇବା ପାଇଁ ଆବେଦନ କରୁଛନ୍ତି ତେଣୁ ତାଙ୍କର ବାର୍ଷିକ ପାରିବାରିକ ଆୟ କେବଳ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହେବା ଉଚିତ। ଯଦି ଏହାଠାରୁ ଅଧିକ ହୁଏ ତେବେ ଏହି ବର୍ଗରେ ଲାଭ ଉପଲବ୍ଧ ହେବ ନାହିଁ।

ଏହା ବ୍ୟତୀତ, ନିମ୍ନ ଆୟ ଗୋଷ୍ଠୀ ଅର୍ଥାତ୍ ଏଲ୍‌ଆଇଜି ବର୍ଗ ପାଇଁ ବାର୍ଷିକ ଆୟ କେବଳ ୩ ଲକ୍ଷରୁ ୬ ଲକ୍ଷ ଟଙ୍କା ମଧ୍ୟରେ ହେବା ଉଚିତ। ଯେତେବେଳେ ମଧ୍ୟମ ଆୟ ଗୋଷ୍ଠୀ–୧ (ଏମ୍‌ଆଇଜି–୧)ରେ ବାର୍ଷିକ ଆୟ ୬ ଲକ୍ଷ ଟଙ୍କାରୁ ୧୨ ଲକ୍ଷ ଟଙ୍କା ମଧ୍ୟରେ ହେବା ଉଚିତ। ଯଦି ଆମେ ମଧ୍ୟମ ଆୟ ଗୋଷ୍ଠୀ–୨ (ଏମ୍‌ଆଇଜି–୨)ରେ ବାର୍ଷିକ ଆୟ ୧୨ ଲକ୍ଷ *(ପୃଷ୍ଠା ୭ରେ)*

## ବ୍ୟାଙ୍କରୁ ୧୨୨ କୋଟି ଟଙ୍କା ଠକେଇ

### ଟଙ୍କା ଉଠାଣ ଉପରେ ପ୍ରତିବନ୍ଧକ ଲଗାଇଲା ଆରବିଆଇ

**ନୂଆଦିଲ୍ଲୀ, ୧୬/୨**

୧୨୨ କୋଟି ଟଙ୍କାର ଠକେଇ ସାମ୍ନାକୁ ଆସିବା ପରେ ନ୍ୟୁ ଇଣ୍ଡିଆ କୋଅପରେଟିଭ ବ୍ୟାଙ୍କ ଉପରେ ପ୍ରତିବନ୍ଧକ ଲଗାଇଛି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)। କୌଣସି ଜମାକାରୀ ଏହି ବ୍ୟାଙ୍କରୁ ଟଙ୍କାଟିଏ ବି ଉଠାଣ କରିପାରିବେ ନାହିଁ ବୋଲି ଆରବିଆଇ ନିର୍ଦ୍ଦେଶ ଜାରି କରିଛନ୍ତି। ଏହା ସହିତ ବ୍ୟାଙ୍କ ଋଣ ବି *(ପୃଷ୍ଠା ୭ରେ)*




TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ୨୪ରେ ଖାତାକୁ ଆସିବ ପିଏମ୍ କିଷାନ ଯୋଜନାର ୧୯ତମ କିସ୍ତି

**ନୂଆଦିଲ୍ଲୀ, ୧୬/୨**

ପିଏମ କିଷାନ ହିତାଧିକାରୀଙ୍କ ପାଇଁ ଖୁସି ଖବର । ଫେବୃୟାରୀ ୨୪ରେ ଖାତାକୁ ଆସିବ ୧୯ ତମ କିସ୍ତି। ଯଦି ପିଏମ୍ କିଷାନ ଯୋଜନାରେ ଆବେଦନ କରାଯାଇଛି କିନ୍ତୁ ଟଙ୍କା ଆସିବ କି ନାହିଁ ଜାଣିବାକୁ ଚାହୁଁଛନ୍ତି ତେବେ ଏହି ସୂଚନା ଲାଭକାରୀ ହୋଇପାରେ।

ଏହି ଯୋଜନାରେ ଚାଷୀମାନଙ୍କୁ ବର୍ଷକୁ ୬ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ମୋଦି ସରକାର । ପିଏମ କିଷାନ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୮ ତମ କିସ୍ତି ଟଙ୍କା ପ୍ରଦାନ କରିଛନ୍ତି ସରକାର । କିନ୍ତୁ ସବୁଠୁ ବଡ଼ କଥା ହେଉଛି ସବୁ ଚାଷୀଙ୍କୁ ଏହି ଟଙ୍କା ମିଳିନାହିଁ । ଏହି ଯୋଜନାରେ ଚାଷୀମାନେ ବାରମ୍ବାର ଆବେଦନ କରିଥିଲେ ବି ଏବେ ପର୍ଯ୍ୟନ୍ତ ସେମାନଙ୍କ ଖାତାକୁ ଟଙ୍କା ଆସିନାହିଁ । କାହିଁକି ଟଙ୍କା ଆସିନି ସେ ନେଇ ସେମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗିରହିଛି । ବାରମ୍ବାର ବ୍ୟାଙ୍କ ଇ-କେୱାଇସି ଓ ଆଧାର କାର୍ଡ ଲିଙ୍କ୍ କରିଥିଲେ ବି ସେମାନଙ୍କୁ ୧୮ ତମ କିସ୍ତି ଟଙ୍କା ମିଳିପାରିନାହିଁ ।

ଯଦି ଏହି ଟଙ୍କା ମିଳିନାହିଁ ତେବେ ହିତାଧିକାରୀ ସରକାରୀ ୱେବସାଇଟ pmkisan.gov.in ପରିଦର୍ଶନ କରିବାକୁ ପଡିବ ବୋଲି ସୂଚନା ମିଳିଛି।

## ମୁଖ୍ୟମନ୍ତ୍ରୀ ଆଜି ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ଆଗତ କରିବେ

**ଭୁବନେଶ୍ୱର ୧୬/୦୨**
**ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନସଭାରେ ୨୦୨୫–୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ୍ ଆଗତ କରିବେ । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ ଗତ ୧୩ ଫେବ୍ରୁୟାରୀ ଠାରୁ ଆରମ୍ଭ ହୋଇଛି ଏବଂ ଏହା *(ପୃଷ୍ଠା ୭ରେ)*

### ଏକାଳ ପଖାଳ




କ'ଣ ହେବ ବଜେଟ ରାଇଜେ
ସବୁ କରିଛନ୍ତି ଆଶା
କେଉଁ ବିଭାଗକୁ କେତେ ମିଳିବ
କିଏ ହେବ କୋଣଠେସା
କିଏ ଖାଇବ ମାଉଁସ କଷା
ବଜେଟ୍ ମ୍ୟାଜିକ କ'ଣ କରିବ
ନା.. ଖେଳିବ ଉପର ଖସା

## ସ୍କୁଲ ପରୀକ୍ଷା ପ୍ରଶ୍ନପତ୍ର ବିକ୍ରି ଅଭିଯୋଗ : ସରକାରୀ ଶିକ୍ଷକଙ୍କ ସହ ଚାରି ଜଣ ୟୁଟ୍ୟୁବର ଗିରଫ




**ଭୁବନେଶ୍ୱର, ୧୬।୨**
**ନ୍ୟୁଜ ବ୍ୟୁରୋ**

ଅନଲାଇନ୍ ପ୍ଲାଟଫର୍ମରେ ଓଡ଼ିଶାରେ ସ୍କୁଲ ପରୀକ୍ଷା ପ୍ରଶ୍ନପତ୍ର ବିକ୍ରି କରୁଥିବା ଏକ ରାକେଟର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ମାମଲାରେ ଚାରି ଜଣ ୟୁଟ୍ୟୁବର୍ ଏବଂ ଜଣେ ସରକାରୀ ସ୍କୁଲ ଶିକ୍ଷକଙ୍କ ସମେତ ପାଞ୍ଚ ଜଣଙ୍କୁ ଗିରଫ କରାଯାଇଛି।

ଅଭିଯୁକ୍ତମାନେ ହେଲେ ଜ୍ୟୋତିରଞ୍ଜନ ବାରିକ, ସୁଶାନ୍ତ କୁମାର ବିଶି, ସାହିଲ କୁମାର ମିଶ୍ର, ସାଇଶଙ୍କର ପାତ୍ର ଏବଂ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରର ସରକାରୀ ଶିକ୍ଷକ ଘନଶ୍ୟାମ ବେଉରା।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ୮ମ ରୁ ୧୦ମ ଶ୍ରେଣୀ ପାଇଁ ଅନୁଷ୍ଠିତ ସ୍କୁଲସ୍ତରୀୟ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ପ୍ରଘଟ କରୁଥିଲେ। ଏହି ପତ୍ରଗୁଡ଼ିକ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ବିକ୍ରି ହେଉଥିଲା, ଯାହା ପରୀକ୍ଷା ପ୍ରକ୍ରିୟାର ସଚ୍ଚୋଟତାକୁ ବିପଦରେ ପକାଇଥିଲା।

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଏସଟିଏ)ର ସମ୍ପାଦକ ରଞ୍ଜନ କୁମାର ଦାଶ ଜାଣିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା ଯେ ସ୍କୁଲ ପରୀକ୍ଷା ସମୟରେ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ସେ ଗତ ବର୍ଷ ନଭେମ୍ବରରେ କଟକ ସାଇବର ପୋଲିସ ଷ୍ଟେସନରେ ଏକ ଆନୁଷ୍ଠାନିକ ଅଭିଯୋଗ ଦାଖଲ କରିଥିଲେ।

ଅଭିଯୋଗ ପରେ, *(ପୃଷ୍ଠା ୭ରେ)*

## ଅର୍ଥନୈତିକ ସର୍ଭେ ରିପୋର୍ଟରେ ରାଜ୍ୟର ଅଭିବୃଦ୍ଧିକୁ ନେଇ ତେଜିଲା ରାଜନୀତି

**ଭୁବନେଶ୍ୱର, ୧୬/୦୨**
**ନ୍ୟୁଜ ବ୍ୟୁରୋ**

ଅର୍ଥନୈତିକ ସର୍ଭେ ରିପୋର୍ଟରେ ରାଜ୍ୟ ଅଭିବୃଦ୍ଧି ପଛରେ ଶ୍ରେୟ କାହାର ତାକୁ ନେଇ ତେଜିଛି ରାଜନୀତି । ବିଜେଡି କହିଛି ଶ୍ରେୟ ପୂର୍ବ ସରକାରର । ବିଜେପି କହିଛି ଯାଇନି ସରକାରର ମୋହ । ବରିଷ୍ଠ ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ୨୦୧୯–୨୦ ରୁ ୨୩–୨୪ ଭିତରେ ଓଡ଼ିଶା ଅର୍ଥନୀତି ସୁନ୍ଦର ଆଚିଭମେଣ୍ଟ କରିଛି । ସେତେବେଳେ କାହାର ସରକାର ଥିଲା । ତେଣୁ ଏହା ପୂର୍ବ ସରକାରଙ୍କ ପରିଶ୍ରମ ଏବଂ ସାଧନା । ବିତ୍ତୀୟ ଶୃଙ୍ଖଳା ରଖିବାର ଶ୍ରେୟ । ଅନ୍ୟପଟେ ଆଇନ ମନ୍ତ୍ରୀ କହିଛନ୍ତି ମୁଦ୍ରାସ୍ଫିତୀ କମାଇବା ସହ ଅର୍ଥନୀତି ସୁଦୃଢ ପାଇଁ ନୂଆ ସରକାର ଅନେକ ପଦକ୍ଷେପ ନେଇଛନ୍ତି । ବିଜେଡି ସରକାର ଗଲେଣି କିନ୍ତୁ ବିଶ୍ୱାସ କରିପାରୁନାହାନ୍ତି । ମରୀଚିକା *(ପୃଷ୍ଠା ୭ରେ)*



31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ଫେବୃୟାରୀ୨୦୨୫ ସୋମବାର





# ଯାଜପୁର ଜିଲ୍ଲାସ୍ତରୀୟ ସ୍କାଉଟ୍ ଏବଂ ଗାଇଡ କ୍ୟାମ୍ପୋରୀ ଉଦ୍‌ଘାଟିତ



**ଯାଜପୁର, ନ୍ୟୁଜ ବ୍ୟୁରୋ**

ଯାଜପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଯାଜପୁର ଠାରେ ଜିଲ୍ଲାସ୍ତରୀୟ ସ୍କାଉଟ୍ ଗାଇଡ କ୍ୟାମ୍ପୋରୀ ୨୦୨୫ ର ଉଦଘାଟନୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଅଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଉଦ୍ଘାଟନ କରିଥିଲେ। ଜିଲ୍ଲା ଭାରତ ସ୍କାଉଟ୍ ଗାଇଡର ମୁଖ୍ୟ କମିଶନର ତଥା ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ସଭାପତିତ୍ୱ କରିଥିଲେ। ଜିଲ୍ଲା ସ୍କାଉଟ ଏବଂ ଗାଇଡ ସମ୍ପାଦକ ଶମ୍ଭୁନାଥ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ ସଭାରେ ଜିଲ୍ଲା ଗାଇଡ କମିଶନର ତଥା ଯାଜପୁର ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀମତୀ ସ୍ମୃତିରେଖା ନାୟକ, ଜିଲ୍ଲା କମିଶନର (କବ୍) ତଥା ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଆଲୋକ କୁମାର ବନ୍ଧ, ଜିଲ୍ଲା କମିଶନର ସ୍କାଉଟ୍ ରବି ପ୍ରସାଦ ସାମଲ, ଜିଲ୍ଲା ମୁଖ୍ୟାଳୟ କମିଶନର ବିଶ୍ୱମ୍ଭର ମିଶ୍ର, ମିହିର ରଞ୍ଜନ ନାୟକ ଯୋଗ ଦେଇଥିଲେ। ଉକ୍ତ ଜହିରୁଦ୍ଦିନ୍ ଖାଁ, ଉପେନ୍ଦ୍ର କୁମାର ବେହେରା, ଜିଲ୍ଲା ସଂଯୋଜକ ଅବିନାଶ ଖୁଣ୍ଟିଆ, ଏବଂ ନିରଞ୍ଜନ ଶତପଥୀ, ସଭା ପରିଚାଳନା କରିଥିଲେ। ଉକ୍ତ ଉତ୍ସବରେ ଯାଜପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷକ ୫୨ ଜଣ ସ୍କାଉଟ୍ ମାଷ୍ଟର ଓ ଗାଇଡ ଉଦ୍ଘାଟନ ଏବଂ ୬୫୨ ଜଣ ସ୍କାଉଟ୍ ଓ ଗାଇଡସ୍ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସହଯୋଗ କରିଥିଲେ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଉପସ୍ଥିତ ସ୍କାଉଟ ଓ ଗାଇଡ ମାନଙ୍କୁ ବିଭିନ୍ନ ଉପାଦେୟ ବାର୍ତ୍ତା ପ୍ରଦାନ କରିଥିଲେ। ସର୍ବଶେଷରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଯାଜପୁରର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଜୟଶ୍ରୀ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଭକ୍ତନିବାସ ନାମରେ ନକଲି ୱେବସାଇଟ୍ ଖୋଲି ଠକେଇ ଘଟଣା

# ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

**ପୁରୀ, ନ୍ୟୁଜ ବ୍ୟୁରୋ**

ପୁରୀ ଶ୍ରୀମନ୍ଦିର ପ୍ରଶାସନର ଭକ୍ତନିବାସଗୁଡିକ ନାମରେ ନକଲି ୱେବସାଇଟ୍ ଖୋଲି ଠକେଇ କରିବା ଘଟଣା ଗୋଟିଏ ପରେ ଗୋଟିଏ ସାମ୍ନାକୁ ଆସୁଛି । ଏନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ଅନୁରୋଧ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଡ. ଅରବିନ୍ଦ ପାଢ଼ୀ। ଏକ ପତ୍ର ମାଧ୍ୟମରେ ମୁଖ୍ୟ ପ୍ରଶାସକ ଜଣାଇଛନ୍ତି ଯେ, ଶ୍ରୀମନ୍ଦିରର ନିଜସ୍ୱ ୱେବସାଇଟ www.shreejagannatha.in ଏବଂ www.stayatpurijagannatha.in ମାଧ୍ୟମରେ ଭକ୍ତନିବାସ ଗୁଡିକର ବୁକିଂ ହୋଇ ଆସୁଛି। କିନ୍ତୁ କିଛି ଖଳବ୍ୟକ୍ତି ନକଲି ୱେବସାଇଟ୍ ତିଆରି କରି ଭକ୍ତନିବାସ ନାମରେ ଲୋକଙ୍କୁ ଠକେଇ କରିଥିବାର ପ୍ରମାଣ ପାଇଛନ୍ତି ଶ୍ରୀମନ୍ଦିର ପ୍ରଶାସନ। ଏପରିକି ଏକ ନକଲି ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇ ଏହି ଠକେଇ ପାଇଁ ଦେଣନେଣ ହୋଇଛି। ତେଣୁ ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ଚିଠିରେ ଅନୁରୋଧ କରାଯାଇଛି । ଏହାସହିତ ପୂର୍ବରୁ ବିଭିନ୍ନ ଥାନାରେ ଦାଖଲ ହୋଇଥିବା ମାମଲା ଗୁଡିକର ତଥ୍ୟ ମଧ୍ୟ ସଂଲଗ୍ନ କରାଯାଇଅଛି।



# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣା : କ୍ଷତି ପୂରଣ ଦାବିକରି ରାସ୍ତାରୋକ



**ନିଶ୍ଚିନ୍ତକୋଇଲି, ନ୍ୟୁଜ**

କଟକ ଜିଲ୍ଲା ବନ୍ଧକାଟିଆ ପଞ୍ଚାୟତର ଯୁବକ ନିମାଇଁ ଚରଣ ସ୍ୱାଇଁ ନିଜ ବାଇକ୍‌ରେ ଯାଉଥିବା ବେଳେ ବାଲିଆପଦା ଠାରେ ଏକ ହାଇୱା ଟ୍ରକ୍ ଧକ୍କାରେ ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ଶନିବାର ଅପରାହ୍ନରେ ଉତ୍ୟକ୍ତ ସ୍ଥାନୀୟ ଲୋକେ ଓ ଜନ ପ୍ରତିନିଧି ଶବକୁ ଧରି ତିଳକଣା ଠାରେ ଦୀର୍ଘ ସମୟ ରାସ୍ତା ଅବରୋଧ କରିଥିଲେ । ଅଭିଯୋଗ ଥିଲା ଏଠାରେ ନିର୍ମାଣ ହେଉଥିବା ତରତ ଶାସନ ଠାରୁ ତିଳକଣାର ନୂତନ ରାସ୍ତାକୁ ଠିକାଦାର ନିଜ ମନ ଇଚ୍ଛାରେ ମାଟି ପକାଇ ବନ୍ଦ କରୁଛି । ହେଲେ ସେଠାରେ କୌଣସି ସୂଚନା ଫଳକ କିମ୍ବା ରେଡ୍ ଇଣ୍ଡିକେଟ୍ ନକରିବା ହେତୁ ପଥଚାରୀ ଜାଣି ପାରୁନାହାଁନ୍ତି, ଫଳରେ ପ୍ରତ୍ୟେକଦିନ ଏଭଳି ଛୋଟମୋଟ ଦୁର୍ଘଟଣା ଘଟୁଛି ହେଲେ ଠିକାଦାର ର ଏହି ଭୁଲ୍ ପାଇଁ ଆଜି ଜଣେ ଯୁବକଙ୍କ ଜୀବନ ଚାଲିଗଲା। ରାସ୍ତାରୋକ ଖବର ପାଇ ସ୍ଥାନୀୟ ପୋଲିସ ଓ ନିଶ୍ଚିନ୍ତକୋଇଲି ତହସିଲଦାର ଘଟଣା ସ୍ଥଳରେ ପହଁଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଥିଲେ, ଲୋକଙ୍କ ଦାବି ଥିଲା, ଯେ ମୃତକଙ୍କ ପରିବାରଙ୍କୁ ୨ ଲକ୍ଷ ଟଙ୍କା ସହାୟତା ଏବଂ ଶୁଦ୍ଧିକ୍ରିୟାରେ ସମସ୍ତ ଖର୍ଚ୍ଚ ଠିକାଦାର ଦେବାପାଇଁ। ସ୍ଥାନୀୟ ତହସିଲଦାର ସଂପୃକ୍ତ ଠିକାଦାର ସହ କଥା ହୋଇ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିଲା ।

# ହବ୍ ସେଣ୍ଟରରେ ପହଞ୍ଚିଲା +୨ ପରୀକ୍ଷା ପ୍ରଶ୍ନପତ୍ର

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ଆସନ୍ତା ୧୮ତାରିଖ ଠାରୁ ଆରମ୍ଭ ହେବାକୁ ଯାଉଛି +୨ ପରୀକ୍ଷା । ଏନେଇ ସମସ୍ତ ପ୍ରକ୍ରିୟା ଏକରକମ ଚୁଡାନ୍ତ ହୋଇଥିବା ଜଣାପଡିଛି । ଚୌଦ୍ୱାର କଲେଜକୁ ଅଞ୍ଚଳରେ ଥିବା ବିଭିନ୍ନ କଲେଜ ପରୀକ୍ଷା ପାଇଁ ପ୍ରଶ୍ନପତ୍ରର ହବ୍ ସେଣ୍ଟର କରାଯାଇଛି। ପ୍ରଶ୍ନପତ୍ର ଆସି ପୋଲିସ ପହରା ଭିତରେ ସେଣ୍ଟରରେ ରଖାଯାଇଛି । ଚୌଦ୍ୱାର କଲେଜରୁ ସ୍ଥାନୀୟ ଚୌଦ୍ୱାର ମହିଳା ମହାବିଦ୍ୟାଳୟ, ଶଙ୍କରପୁର ଗୋଖଲେ ଆଦର୍ଶ ମହାବିଦ୍ୟାଳୟ, ଭଗତପୁର କଲେଜ,ଏସ୍‌ଏସ୍‌ଡି ମହାବିଦ୍ୟାଳୟ ବାଲି, ଏସ୍‌ଏସ୍‌ଡି ମହାବିଦ୍ୟାଳୟ ଗୁରୁଡିଝାଟିଆ ଓ ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ମହାବିଦ୍ୟାଳୟକୁ ପ୍ରତେକ ପରୀକ୍ଷା ଦିନ ପୋଲିସ ସୁରକ୍ଷାରେ ସକାଳ ୬ଟା୩୦ମି ସମୟରୁ ପ୍ରଶ୍ନପତ୍ର କଲେଜ ମାନଙ୍କୁ ପଠାଇବାର ବ୍ୟବସ୍ଥା କରାଯାଇଥିବା ଅଧକ୍ଷା ରଶ୍ମୀ ରାଉତରାୟ ପ୍ରକାଶ କରିଛନ୍ତି । ମୋଟ ୨୦୧୩ଜଣ ଛାତ୍ରଛାତ୍ରୀ ଏହି କେନ୍ଦ୍ର ମାନଙ୍କରେ ପରୀକ୍ଷା ଦେବେ । ଏହିକ୍ରମରେ ଚୌଦ୍ୱାର କଲେଜରେ ଚଳିତ ବର୍ଷ କଳାରେ ୨୫୩, ବାଣିଜ୍ୟରେ ୬୯ ଓ ବିଜ୍ଞାନରେ ୧୨୩ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଏଥି ସହିତ ଚୌଦ୍ୱାର କଲେଜ ପରୀକ୍ଷା କେନ୍ଦ୍ରରେ ସ୍ଥାନୀୟ ଘରୋଇ ଶିକ୍ଷାନୁଷ୍ଠାନ ଓଡିଶା ସାଇନ୍ସ କଲେଜ, ଡ୍ରିମ୍ସ ସାଇନ୍ସ କଲେଜ ଓ ଶକ୍ତି ଜୁନିୟର କଲେଜର ମୋଟ ୪୪୩ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ।



# କଟକରେ ଡବଲ ମର୍ଡର ମାମଲାର ସିନ୍ ରିକ୍ରିଏସନ୍ କଲା ପୁଲିସ୍

**କଟକ, ନ୍ୟୁଜ ବ୍ୟୁରୋ**

କଟକର ବେଲେଶ୍ୱରରେ ୨୦୧୯ ଡିସେମ୍ବରରେ ହୋଇଥିବା ଡବଲ ମର୍ଡର ମାମଲାର ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ସିହ୍ନା କିପରି ହତ୍ୟାକାଣ୍ଡ ଭିଆଇଥିଲା, ତାର ଡେମୋ ଦେଖାଇଛି । କିନ୍ତୁ ଏହି ହତ୍ୟାକାଣ୍ଡରେ କେବଳ ସନ୍ତୋଷ ଓ ତାର ପତ୍ନୀ ଥିବା କଥାକୁ ଗ୍ରହଣ କରିପାରୁନାହାନ୍ତି ମୃତକଙ୍କ ସଂପର୍କୀୟ। ୨୦୧୯ ଡିସେମ୍ବର ୧୨ ତାରିଖ ସନ୍ଧ୍ୟାରେ ମଧୁପାଟଣା ଥାନା ବେଲେଶ୍ୱର ଅଞ୍ଚଳରେ ଶ୍ରୀନାଥ ସାମଲ ଓ ବିଦ୍ୟୁଲତା ସାମଲଙ୍କୁ ଦୁର୍ବୃତ୍ତମାନେ ବୀଭତ୍ସ ଭାବେ ହତ୍ୟା କରିଥିଲେ। ଏହି ଘଟଣାରେ ୩ରୁ ୪ ଜଣଙ୍କ ସମ୍ପୃକ୍ତି ଥିବା ପୁଲିସ ସନ୍ଦେହ କରୁଥିଲା। ଶ୍ରୀନାଥଙ୍କ ସୁଧ କାରବାର ଏବଂ ପାରିବାରିକ ଶତ୍ରୁତାକୁ ନେଇ ବିଭିନ୍ନ ଚର୍ଚ୍ଚା ସାମ୍ନାକୁ ଆସୁଥିବା ବେଳେ ବ୍ରହ୍ମପୁରର ଏକ ଭଡ଼ାଟିଆ ଦମ୍ପତିଙ୍କ ଉପରେ ପୁଲିସର ସନ୍ଦେହ ହୋଇଥିଲା। ପୁଲିସ ପ୍ରାୟ ୪ ଜଣଙ୍କ ଲାଏ ଡିଟେଂନ ଟେଷ୍ଟ ବି କରିଥିଲା। ତିନିଘରିଆ ଅଞ୍ଚଳର ଜଣେ ଠିକାଦାରଙ୍କୁ ଥାନାକୁ ଡାକି ପୁଲିସ ଜେରା କରିଥିବା ବେଳେ କାମବାଲି ବି ପୁଲିସର ଜେରାର ସାମ୍ନା କରିଥିଲା। କମିସନରେଟ୍ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ସନ୍ତୋଷ ସିହ୍ନା। ଭୁବନେଶ୍ୱର-କଟକ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ଶୁକ୍ରବାର ଗଣମାଧ୍ୟମକୁ ଏହି ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୯ ଡିସେମ୍ବର ୧୨ ତାରିଖ ସନ୍ଧ୍ୟାରେ ମଧୁପାଟଣା ଥାନା ବେଲେଶ୍ୱର ଅଞ୍ଚଳରେ ଶ୍ରୀନାଥ ସାମଲ ଓ ବିଦ୍ୟୁଲତା ସାମଲଙ୍କୁ ଦୁର୍ବୃତ୍ତମାନେ ବୀଭତ୍ସ ଭାବେ ହତ୍ୟା କରିଥିଲେ। ଏହି ଘଟଣାରେ ୩ରୁ ୪ ଜଣଙ୍କ ସମ୍ପୃକ୍ତି ଥିବା ପୁଲିସ ସନ୍ଦେହ କରୁଥିଲା। ଶ୍ରୀନାଥଙ୍କ ସୁଧ କାରବାର ଏବଂ ପାରିବାରିକ ଶତ୍ରୁତାକୁ ନେଇ ବିଭିନ୍ନ ଚର୍ଚ୍ଚା ସାମ୍ନାକୁ ଆସୁଥିବା ବେଳେ ବ୍ରହ୍ମପୁରର ଏକ ଭଡ଼ାଟିଆ ଦମ୍ପତିଙ୍କ ଉପରେ ପୁଲିସର ସନ୍ଦେହ ହୋଇଥିଲା। ପୁଲିସ ପ୍ରାୟ ୪ ଜଣଙ୍କ ଲାଏ ଡିଟେକ୍ସନ ଟେଷ୍ଟ ବି କରିଥିଲା। ତିନିଘରିଆ ଅଞ୍ଚଳର ଜଣେ ଠିକାଦାରଙ୍କୁ ଥାନାକୁ ଡାକି ପୁଲିସ ଜେରା କରିଥିବା ବେଳେ କାମବାଲି ବି ପୁଲିସର ଜେରାର ସାମ୍ନା କରିଥିଲା।

# ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ପିଲାମାନେ ମୌଳିକ ସ୍ୱାକ୍ଷରତା ପଢିବା ଓ ଲେଖିବା ଉପରେ ଆଲୋକପାତ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କଚେରୀପଡ଼ା ଠାରେ ୯ମ କ୍ଲଷ୍ଟର ସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଧନ ସଂଯୋଜକ ଅଚ୍ୟୁତାନନ୍ଦ ସାମଲ ବୈଠକକୁ ପରିଚାଳନା କରିଥିଲେ। କିପରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ପିଲାମାନେ ମୌଳିକ ସଂଖ୍ୟାଜ୍ଞାନ ଓ ସ୍ୱାଖରତା ପଢ଼ିବେ ଲେଖିବେ ସେ ବିଷୟରେ ଆଲୋକପାତ କରିଥିଲେ। ଏହି ସଭାରେ କ୍ଲଷ୍ଟରର ସମସ୍ତ ଏଫ୍‌ଏଲ୍‌ଏନ୍ ଶିକ୍ଷକ ଓ ଶିକ୍ଷିକା ଯୋଗ ଦେଇଥିଲେ। ଶେଷରେ ବିଜୟଲକ୍ଷ୍ମୀ ମାଦାମ ଓ ସରୋଜିନୀ ମିସ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ନାଉଗାଁ ବ୍ଲକ ଅନ୍ତହର୍ଗତ ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ବରିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅତିଥି ପରିଚୟ କରାଇଥିଲେ । ପ୍ରବାସୀ ଶ୍ରମିକଙ୍କ ବିଭିନ ସୁବିଧା ଅସୁବିଧା ସମ୍ପର୍କରେ ଆଇନ ସେବା ପ୍ରାଧିକରଣ ସଚିବ ଛାତ୍ର ଛାତ୍ରୀଙ୍କୁ ବୁଝାଇବା ସହ ଆଇନଗତ ଦିଗ ବିଷୟରେ ଆଲୋଚନା କରିଥିଲେ । ପ୍ରବାସୀ ଶ୍ରମିକ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହେଉଥାନ୍ତି ତେବେ ଆଇନଗତ ସାହାଯ୍ୟ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିବା ପାଇଁ ସଚିବ ଛାତ୍ର ଛାତ୍ରୀଙ୍କୁ ସଚେତନ କରାଇଥିଲେ । ବରିଷ୍ଠ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ଭାବ୍ୟ ପ୍ରବଳ ବର୍ଷା ପାଇଁ ଜିଲ୍ଲାପାଳଙ୍କ ଜରୁରୀ ବୈଠକ ଅନୁଷ୍ଠିତ

# ସଂଗୃହିତ ଧାନକୁ ସୁରକ୍ଷିତ ରଖିବା ପ୍ରାଥମିକ ଧ୍ୟାନ: ଜିଲ୍ଲାପାଳ

**ବାଲେଶ୍ୱର, ନ୍ୟୁଜ**

ଆସନ୍ତା ତା’ ୧୯ରୁ ୨୧ ରିଖ ପର୍ଯ୍ୟନ୍ତ ସମ୍ଭାବ୍ୟ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଥିବାରୁ ପ୍ରସ୍ତୁତି ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ପାଇଁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବର୍ଷାରୁ ଅମଳ ଧାନକୁ ସୁରକ୍ଷା ଦେବା ପାଇଁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ସମୟରେ ଧାନ ସଂଗ୍ରହଣକୁ ସୁବ୍ୟବସ୍ଥିତ କରିବା ପାଇଁ ସମସ୍ତ ମଣ୍ଡିଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ବର୍ତ୍ତମାନ ଖୋଲା ସ୍ଥାନରେ ଗଚ୍ଛିତ ଥିବା ସମସ୍ତ ଧାନକୁ ତୁରନ୍ତ ଆଚ୍ଛାଦିତ ଅଞ୍ଚଳକୁ ସ୍ଥାନାନ୍ତରିତ କରିବା କିମ୍ବା ପଲିଥିନ୍ କଭରରେ ପର୍ଯ୍ୟାପ୍ତ ପରିମାଣରେ ସୁରକ୍ଷିତ ରଖିବା ଆବଶ୍ୟକତା ଥିବା ଜିଲ୍ଲାପାଳ ମତ ପ୍ରକାଶ କରିଥିଲେ । ବାଲେଶ୍ୱର ଓ ନୀଳଗିରି ଉପ ଜିଲ୍ଲାପାଳଙ୍କୁ ନିଜ ନିଜ କ୍ଷେତ୍ରରେ ପଲିଥିନ୍ ଉପଲବ୍ଧତାର ତୁରନ୍ତ ମୂଲ୍ୟାଙ୍କନ କରିବାକୁ ଏବଂ ଧାନ ଷ୍ଟକର ଜରୁରୀକାଳୀନ ବ୍ୟବହାର ପାଇଁ ପର୍ଯ୍ୟାପ୍ତ ଯୋଗାଣ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସଂରକ୍ଷଣ ନିର୍ଦ୍ଦେଶାବଳୀର ଅନୁପାଳନ ଯାଞ୍ଚ କରିବା ପାଇଁ କ୍ଷେତ୍ର ପରିଦର୍ଶନ କରିବା ସହିତ ସୁରକ୍ଷାମୂଳକ ପଦକ୍ଷେପ କାର୍ଯ୍ୟକାରୀ କରିବା ପାଇଁ ଚାଷୀ ଏବଂ ମିଲ୍ ମାଲିକମାନଙ୍କ ସହିତ ସମନ୍ୱୟ ସ୍ଥାପନ କରିବା ପାଇଁ କୃଷି ବିଭାଗର ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ନିୟୋଜିତ କରାଯିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେ ସିର୍କେ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇ କୃଷ୍ଣ ଜେନାଙ୍କ ସମେତ ସମସ୍ତ ବିଡ଼ିଓ, ତହସିଲଦାର ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଆହତ ହରିଣ ଛୁଆକୁ ଉଦ୍ଧାର କଲା ଦିଗପହଣ୍ଡି ବନ ବିଭାଗ

**ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ**

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବି.ତୁରୁବୁଡ଼ି ଗ୍ରାମ ପଞ୍ଚାୟତର କାଣ୍ଡସର ଗ୍ରାମରୁ ରବିବାର ସକାଳୁ ଏକ ହରିଣ ଆସି ପୋଖରି ମଧ୍ୟରେ ଫସିରହିଥିବା ଦେଖି ଗ୍ରାମବାସୀ ହରିଣ ଛୁଆକୁ ପାଣିରୁ ଉଦ୍ଧାର କରି ରଖିଥିଲେ। ବନବିଭାଗ ବିଶେଷ ସୂତ୍ରରୁ ଜାଣି ହରିଣ ଛୁଆଟିକୁ ଗ୍ରାମବାସୀଙ୍କ ଠାରୁ ଉଦ୍ଧାର କରିଥିଲେ। ହରିଣ ଛୁଆର ଗୋଡ ଭାଙ୍ଗିଯାଇଥିବା ବେଳେ ଦିଗପହଣ୍ଡି ବନ ବିଭାଗ ପକ୍ଷରୁ ଦିଗପହଣ୍ଡି ପ୍ରାଣୀଧନ ଚିକିତ୍ସାଳୟ ରେ ଚିକିତ୍ସା କରାଯାଇଥିବା ବେଳେ ସମ୍ପୂର୍ଣ୍ଣ ସୁସ୍ଥ ହେବାପରେ ଜଙ୍ଗଲ ରେ ଛାଡିଦିଆଯିବ ବୋଲି ଦିଗପହଣ୍ଡି ବନ୍ୟାଳ ସନ୍ତୋଷ କୁମାର ବିଶୋୟୀ ରନ୍ ସୂଚନା ଦେଇଛନ୍ତି। ଦିଗପହଣ୍ଡି ସେକ୍ସନ୍ ଟିମ୍ ଉଦ୍ଧାର କରିଥିବା ବେଳେ କାର୍ଯ୍ୟରେ ଯୋଗଦେଉ ଦେଉ ଏହିଭଳି ବନପାଳଙ୍କ ଉଦ୍ୟମ କୁ ବୁଦ୍ଧିଜୀବୀ ଭୁରି ଭୁରି ପ୍ରଶଂସା କରୁଛନ୍ତି। ଦିଗପହଣ୍ଡି ଅଞ୍ଚଳର ବଡ଼ଶଙ୍ଖ, ଲାଡିଗାଁ, ଗୋକର୍ଣ୍ଣପୁର, ଚୈତନ୍ୟପୁର, ମଙ୍ଗରାଜପୁର, ପଦ୍ମନାଭପୁର, ଦ୍ୱାରଗାଁ, କୈଠଖଣ୍ଡି, ପେଣ୍ଠୁରାବାଡି, ବାଲିଘାଇ, ଘୋଡାପଲାଣ, ପଡିଆ ପୁରୁଷୋତ୍ତମପୁର, ତୁରୁବୁଡି, ଚୁଡଙ୍ଗପୁର, ପତାଣ୍ଡ, କୁଶପଡାରେ କୃଷ୍ଣସାର ମୃଗଙ୍କ ଗତାଗତ ରହୁଥିବା ବେଳେ ଶିକାରୀଙ୍କ ଗନ୍ ପଏଣ୍ଟ ରେ ରହିଛନ୍ତି ବନ୍ୟ ଜନ୍ତୁ। ଅପରପକ୍ଷରେ ବିଲ ମାଳରେ ବିଦ୍ୟୁତ୍ ତାର ଯୋଚୁଛନ୍ତି ବାଣୁଆ। ବାରିହା ମରିବା ସହ ସମସ୍ତ ବନ୍ୟଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି ହେଉଛି। ଏଥିପାଇଁ ନୂତନ ବନପାଳଙ୍କ କ’ଣ ପଦକ୍ଷେପ ରହୁଛି ଦେଖିବାକୁ ବାକି ରହିଲା।



# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୭।୨।୨୦୨୫, ଫାଲଗୁନ ଦି୫ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬।୧୫।୨୨** **ଚନ୍ଦ୍ରୋଦୟ- ରାଘ ୯।୪୫।୫୬**

**ପଞ୍ଚମୀ-** ନିଘ ୪।୫୪ ପର୍ଯ୍ୟନ୍ତ । **ଚିତ୍ରା ନକ୍ଷତ୍ର-** ଅହୋରାତ୍ର । **କନ୍ୟା ଚନ୍ଦ୍ର-** ସଂଘ ୬।୦୨ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । ସଂଘ ୬।୦୨ ଗତେ ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର ସଂଘ ୬।୦୨ ପର୍ଯ୍ୟନ୍ତ । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ନିଘ ୪।୫୪ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୮ ଗତେ ଘ ୭।୪୩ ମଧ୍ୟେ, ଦିଘ ୧୦।୫୨ ଗତେ ଘ ୧।୦୯ ମଧ୍ୟେ ।


**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।


**ବୃଷ:** ଦୁଃସାଧ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।


**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।


**କର୍କଟ:** ଶୁଭ ଖବର ପାଇ ଆନନ୍ଦିତ ହେବେ। ବ୍ୟବସାୟ ମଧ୍ୟମ ଧରଣର ହେବ। ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିବ। ଖର୍ଚ୍ଚର ମାତ୍ରା ବଢିପାରେ। ମାନସିକ ଦୁଶ୍ଚିନ୍ତା ମନକୁ ଆସିପାରେ।


**ସିଂହ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବାର ସମ୍ଭାବନା। ଦେହ ଓ ମନ ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଅପେକ୍ଷା କରିଥିବା ଖବରଟି ପାଇପାରନ୍ତି। ଅୟ ଯୋଗ ମଧ୍ୟ।


**କନ୍ୟା:** ବ୍ୟବସାୟରେ ଆପଣଙ୍କୁ କ୍ଷତି ସହିବାକୁ ପଡିପାରେ। କୁ ଭୋଜନ କରି ଉଦର ପୀଡା ଦେଖାଦେଇପାରେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଦେଖାଦେବାର ସୂଚନା।


**ତୁଳା:** ବ୍ୟବସାୟରୁ ଲାଭବାନ ହେବେ। ପାରିବାରିକ ଜୀବନ ହସିଲା ପୂରିଲା ହେବ। ବନ୍ଧୁଙ୍କ ସହ ଭେଟ ସହିତ ଆମୋଦ ପ୍ରମୋଦ ଲାଗିପାରେ। ଆୟ ଓ ବ୍ୟୟ ସମାନ ରହିବାର ସୂଚନା।


**ବିଛା:** ଶତ୍ରୁ ପରାସ୍ତ ହେବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଭ୍ରମଣ ଯୋଗ ରହିଛି। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମନ ଭଲ ରହିବ।


**ଧନୁ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ଧର୍ମ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ। ପାରିବାରିକ ଜୀବନ ଶାନ୍ତି ମୟ ହେବ। ଆୟର ପରିମାଣ ବଢିବାର ସୂଚନା।


**ମକର:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ବ୍ୟୟର ପରିମାଣ ଅଧିକ ହେବ। ଘରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ।


**କୁମ୍ଭ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ବନ୍ଧୁ ଓ ପରିବାର ସହ ଖୁସିରେ ମାତିବେ। କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ରୋଜଗାର ଭଲ ହେବ।


**ମୀନ:** ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ। ଶରୀର ସୁସ୍ଥ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବ। ଆୟ ମଧ୍ୟମ ଧରଣର ହେବ। ଘରେ ଶାନ୍ତିର ବାତାବରଣ ରହିବ। ମହିଳାମାନେ ସୁଖୀ ହେବେ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୮।୨।୨୦୨୫, ଫାଲଗୁନ ଦି୬ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୬।୧୪।୪୬** **ଚନ୍ଦ୍ରୋଦୟ- ରାଘ ୧୦।୩୬।୧୨**

**ଷଷ୍ଠୀ-** ଅହୋରାତ୍ର । **ଚିତ୍ରାନକ୍ଷତ୍ର -** ପ୍ରାଘ ୭। ୩୫ ପର୍ଯ୍ୟନ୍ତ। **ତୁଳାଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ, ମକର ରାଶିର । **ଘାତ ଚନ୍ଦ୍ର-** ନାସ୍ତି।। **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧଖାଦ୍ୟ-** ନିମ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୬/୦୬ ଗତେ ଘ ୧୦/୫୨ ମଧ୍ୟେ, ଦିଘ ୧/୧୦ ଗତେ ଘ ୧/୨୭ ମଧ୍ୟେ। **ପର୍ବୋତ୍ସବ-**ଶ୍ରୀ ରାମକୃଷ୍ଣ ପରମହଂସ ଜୟନ୍ତୀ।

## ସମ୍ପାଦକୀୟ

# ଭାରତରେ ବ୍ୟାଙ୍କ ଓ ଡିଜିଟାଲ୍ ଠକେଇରେ ବଡ଼ ଧରଣର ବୃଦ୍ଧି

ଭାରତରେ ବ୍ୟାଙ୍କ ଓ ଡିଜିଟାଲ୍ ଠକେଇରେ ବଡ଼ ଧରଣର ବୃଦ୍ଧି ଘଟିଛି । ଲୋକମାନଙ୍କୁ ବିଭିନ୍ନ ପ୍ରକାରରେ ଠକିବା ଲାଗି ଅପରାଧୀମାନେ ଅଭିନବ କୌଶଳ ବ୍ୟବହାର କରୁଥିବାରୁ ଠକେଇ ପରିମାଣ ବୃଦ୍ଧି ପାଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ ଠକେଇ ୩୦୦ ପ୍ରତିଶତ ବୃଦ୍ଧି ପାଇ ୩୬,୦୭୫ରେ ପହଞ୍ଚିଛି । ୨୦୨୨-୨୩ରେ ଦେଶରେ ୯୦୪୬ଟି ବ୍ୟାଙ୍କ ଠକେଇ ସାମ୍ନାକୁ ଆସିଥିଲା । ତେବେ ଗତବର୍ଷଗୁଡ଼ିକର ଠକେଇରେ ଯେତିକି ଟଙ୍କା ସଂପୃକ୍ତ ଥିଲା ତାହା ଏଥର ହ୍ରାସ ପାଇଛି । ୨୦୨୨-୨୩ରେ ଚିହ୍ନଟ ହୋଇଥିବା ଠକେଇରେ ୪୫,୩୫୮ କୋଟି ଟଙ୍କା ସମ୍ପୃକ୍ତ ଥିବା ବେଳେ ୨୦୨୩-୨୪ରେ ତାହା ୧୩,୯୩୦ କୋଟି ଟଙ୍କାକୁ ହ୍ରାସ ପାଇଛି ବୋଲି ରିଜର୍ଭ ବ୍ୟାଙ୍କର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି । ଗତ ତିନି ବର୍ଷରେ ଘରୋଇ ବ୍ୟାଙ୍କଗୁଡ଼ିକରେ ଅଧିକ ସଂଖ୍ୟକ ଠକେଇ ଚିହ୍ନଟ ହୋଇଥିବା ବେଳେ ସରକାରୀ ବ୍ୟାଙ୍କଗୁଡ଼ିକରେ ଠକେଇରେ ଲିପ୍ତ ଥିବା ଟଙ୍କା ପରିମାଣ ଅଧିକ ରହିଛି । ଠକେଇର ବର୍ଗୀକରଣରୁ ଜଣାପଡ଼ିଛି ଯେ ଡିଜିଟାଲ୍ ଠକେଇ ଅଧିକ ଘଟିଛି । ବିଶେଷ କରି ଡିଜିଟାଲ୍ ପେମେଣ୍ଟ ଓ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗରେ ହୋଇଥିବା ଠକେଇ ମାତ୍ରା ଅଧିକ ରହିଛି । ଋଣରେ ଅଧିକ ଟଙ୍କାର ଠକେଇ ହୋଇଛି । କାର୍ଡ ଓ ଇଣ୍ଟରନେଟ୍ରେ ହେଉଥିବା କାରବାରରେ ସଂଖ୍ୟା ଦୃଷ୍ଟିରୁ ଅଧିକ ଠକେଇ ହୋଇଥିଲେ ମଧ୍ୟ, ଠକେଇରେ ଜଡ଼ିତ ଥିବା ଟଙ୍କା ପରିମାଣ କମ୍ ରହିଛି । ସରକାରୀ ବ୍ୟାଙ୍କରେ ଯେଉଁ ସବୁ ଠକେଇ ହୋଇଛି ତାହା ମୁଖ୍ୟତଃ ଋଣରେ ହୋଇଛି ବୋଲି ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାପଡ଼ୁଛି । ରିପୋର୍ଟ ଅନୁସାରେ, ୨୦୨୨-୨୩ରେ ୧୫୫ କୋଟି ଟଙ୍କାର ୩୫୯୬ଟି ଠକେଇ ହୋଇଥିଲା । ୨୦୨୩-୨୪ରେ ଠକେଇ ସଂଖ୍ୟା ୨୯,୦୮୨କୁ (୭୦୮%) ବୃଦ୍ଧି ପାଇଥିବା ବେଳେ ସେଥିରେ ଜଡ଼ିତ ଥିବା ରାଶି ପରିମାଣ ୧୪୫୭ କୋଟି ଟଙ୍କା ହୋଇଛି । ଠକେଇଗୁଡ଼ିକୁ ଅନୁଶୀଳନ କରିବା ପରେ ରିଜର୍ଭ ବ୍ୟାଙ୍କ ଜାଣିବାକୁ ପାଇଛି ଯେ ଠକେଇ ହେବାର ସମୟ ଏବଂ ବ୍ୟାଙ୍କ ତରଫରୁ ତାହାକୁ ଚିହ୍ନଟ କରିବା ଭିତରେ ସମୟର ଏକ ବଡ଼ ଅନ୍ତର ରହିଛି ।

# ଆମେ ମରିବୁଁ ପଛେ, ଭିଖ୍ ମାଗିବୁ ନାହିଁ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଆପଣମାନେ ମୁର ଦେଶର ଲୋକ, ମୁର୍ ଭାଇ ଭଉନି - ମୁଁ ଭିଖ୍ ମାଗିବାକୁ ପସନ୍ଦ କରେନି। କାମ କରିବାକୁ ଇଚ୍ଛା କରେ; ମୁଁ ଆଦିବାସୀ ଲୋକ। ଆମେ ମରିବୁଁ ପଛେଁ, ଭିଖ୍ ମାଗିବୁ ନାହିଁ। କେବଳ ଏତିକି ନୁହେଁ, ଆଦିବାସୀ ଯୁବକଟି ଢେର୍‌କଥା କହିଥିଲା। ଟ୍ରେନ୍ ବଗିରେ ଯାତ୍ରୀ ଭର୍ତ୍ତି, ସେମାନଙ୍କ ମଧ୍ୟରୁ ଅନେକ ଶିକ୍ଷିତ, ଚାକିରିଆ ବାବୁ ବି। ଯୁବକଟି ସାହାଯ୍ୟ ମାଗୁଥିଲା, ଲଢୁଥିଲା ତା'ର ଇଜ୍ଜତ ପାଇଁ। କୋର୍ଟରେ ଦାବା ପକେଇଥିଲା, ମିଲ୍‌ମାଲିକ ସାଙ୍ଗରେ ଲଢ଼େଇ। ନିତି ପ୍ରତି ଆସନସୋଲ୍ ଗାଡ଼ି କଟକ ଷ୍ଟେସନ୍‌ରେ ରହେ। ଯୁବକଟି ବଗିରେ ପଶେ, ସାଙ୍ଗରେ ଥାଏ ତା'ର କୋଡ଼ିଏ ବାଇଶି ବୟସୀ ଯୁବତୀ ସ୍ତ୍ରୀ। ଯୁବକଟିକୁ ଢେର୍ ସାହାଯ୍ୟ ମିଳେ।

ଆଦିବାସୀ ଯୁବକ, ନିରୀହ, ନିଷ୍କପଟ, ସରଳ। ଘର ତା'ର ପାହାଡ଼ ତଳି ଜଙ୍ଗଲରେ, ଆଦିବାସୀ ପଲ୍ଲୀ, ନୂଆଣିଆ ମାଟି ଘର, ଖପୁରିଲି ଛପର, କାନ୍ଥମାନ କାଇମାଟିରେ ଲିପାପୋଛା, କାନ୍ଥରେ ଜାତି ଜାତି ଚିତା, ଘର ଚାରିପାଖରେ କେନ୍ଦୁ, ବନୀ, ଆଉ ଆଉ ଅନାବନା ଗଛର ଡାହି, କଣ୍ଟାବାଉଁଶର ବାଡ଼, ଛୋଟ ଟାଟିଟେ ପ୍ରବେଶ ପଥରେ। ଏମିତି ତାଙ୍କ ସାଇ, ଭାଇଙ୍କର। ଏମାନେ ମେଘକୁ ଭରଷା କରନ୍ତି, ବାଘସହ ଲଢ଼ନ୍ତି। ପାହାଡ଼ ତାଙ୍କର ଜୀବନ, ଜଙ୍ଗଲ ତାଙ୍କର ଧନ। ଆମ୍ବ, କଦଳୀ, ପଣସ, ନାନା ଜାତିର କନ୍ଦ। ନିତି ଶିକାର। ପୋଡୁଚାଷ ଅଛି, ଧାନ ପାଚି, ମାଣ୍ଡିଆ, ଅଳସୀର କ୍ଷେତରେ ମେଳା। ଗାଁ ମୁଣ୍ଡରେ ଧାଙ୍ଗଡ଼ାଘର, ପୁଷ ପରବ, ମକର ପରବ ଭାରି ଧୂମଧାମ୍‌ରେ ପାଳନ୍ତି। ହସିଲା ପୂରିଲା ତାଙ୍କ ସଂସାର, ସହରୀ ସଭ୍ୟତାର ନାହିଁ ଲେଶ ମାତ୍ର ସ୍ପର୍ଶ। ହିଂସା, ବାଦ, ଦ୍ୱେଷ ସେମାନଙ୍କୁ ଛୁଇଁନି। କ୍ରମେ ସହରୀବାବୁ, ସାହୁକାର ସେମାନଙ୍କ ନିକଟରେ ପହଞ୍ଚିଲେ। ଶୋଷଣର ଜାଲ ବିଛେଇ ଦେଲେ। ସରଳ ଆଦିବାସୀ, ଚାଷ ଯାହାର ପେଷା, ପ୍ରକୃତି ଯାହାର ସାହାଭରସା, ଶେଷରେ ସେମାନେ ଚାଲିଲେ ରୋଡ଼୍ ପାଇଟିକି। ଡିନାମାଇଟ୍ ପାହାଡ଼ ଛାତିକୁ ଖିନ୍‌ଭିନ୍ କଲା। ଏମାନେ ପଥର ଭାଙ୍ଗିଲେ, ଟ୍ରକ୍ ପଛ ଡାଲାରେ ବସି ପାଇଟିକୁ ଗଲେ। ଗୋଡ଼ିକାମ କଲେ, ବଡ଼ବଡ଼ିଆଙ୍କ କୋଠା, ବଙ୍ଗଳା ତିଆରିରେ ଲାଗିଲେ, ଶେଷରେ ଏମାନଙ୍କୁ ସଭ୍ୟ ଦୁନିଆ କହିଲା କୁଲି। ଏଥିରେ ସେମାନଙ୍କ ଆନନ୍ଦ। ସେଦିନ ଷ୍ଟେସନ୍‌ରେ ସାହାଯ୍ୟ ମାଗୁଥିଲା ଯୁବକଟ, ସଫାସଫା କହି ଦେଉଥିଲା – "ନାହିଁ ବାବୁ, ବେଶି ପଇସା ମିଳୁଥିଲା ବୋଲି ମୁଁ ଭିଖ୍ ମାଗି ମୁର୍ ପେଟ୍ ପୋଷିବି? ଦାବାରେ ହାର୍ ହେଲେ ମୁଁ ପଇସା ମାଗିବା ଛାଡ଼ି ଦେବି - ସରକାରଙ୍କୁ ଚାକିରି ପାଇଁ ଦରଖାସ୍ତ କରିଚି।" ଏ ସମସ୍ତ କଥା ଆଦିବାସୀ ଯୁବକଟିର ସଙ୍କୋଚପଣିଆର ନିଦର୍ଶନ। କେବଳ ସେ ଏକା ନୁହେଁ, ସମଗ୍ର ଆଦିବାସୀ ସମାଜ ପାଇଁ ଏଇଟି ପ୍ରଯୁଜ୍ୟ। କିନ୍ତୁ ସହରୀବାବୁ, ଇଂରେଜପଢୁଆ, ବଡ଼ବଡ଼ିଆ ବାବୁ, ଅନେକଙ୍କ ଠାରେ ଏସବୁ ସୁଗୁଣର ଘୋର ଅଭାବ। ଏଇ କଥାଟିକୁ ଦେଖାଇଦେଲେ ପ୍ରାଣବନ୍ଧୁ କର। ତାଙ୍କ ଗପଟିର ଶିରୋନାମା 'ହିରୋ'।

ପାହାଡ଼ି ଜଙ୍ଗଲ, ଖୋଲାପବନ, ଶାଗୁଆ ଜୀବନ। ଭରି ଦେଇଛି ଆଦିବାସୀ ଯୁବକ, ଯୁବତୀଙ୍କ ଅବୟବରେ ସତେଜତା। ଆଦିମ ଜୀବନର ନଗ୍ନକାନ୍ତି। ତାହା ଯେପରି ଅବିମିଶ୍ର, ଦୀପ୍ତ ସେହିପରି ନିର୍ଭୀକ। ସେମାନେ ଭାରି ସାହାସୀ। ସେମିତି ଯୁବକଟିଏ, ଉଦ୍ଦାମ ତା'ର ଶକ୍ତି, ଦେଶ ପାଇଁ ସେବା କରିବାର ଅବଦମିତ ଇଚ୍ଛା। ଗାଁ ତା'ର ଗଞ୍ଜାମ ତୁମୁଳିବନ୍ଧ, ସେ କନ୍ଧ ସଂପ୍ରଦାୟର। ତା' ପରି ଶହଶହ କନ୍ଧ ଯୁବକ। ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥାଏ। ଆଉ ଶହଶହ କନ୍ଧଙ୍କ ସହ ସେ ମିଶିଥିଲା, ସୈନ୍ୟମାନଙ୍କ ପାଇଁ ରାସ୍ତା ତିଆରି କଲା ଆସାମରେ। ଯୁଦ୍ଧ ସରିଲା, ଏବେ କୁଲି ମାନଙ୍କର ଘରବାହୁଡ଼ା। ତିନି ସାଲ ବିତିଲା, ଏବେ 'ପାଞ୍ଚଘରିଆ' ଲୁଗା କଳରେ ଦରୁଆନ୍। ସରଳ ମଣିଷ, ରାଗିଲେ ଜନ୍ତୁ। ଏଇଟି ଆଦିବାସୀଙ୍କର ଚରିତ୍ର। ସେ ଦିନ ଘଟିଲା ଅଭାବନୀୟ ଘଟଣାଟାଏ, ବଡ଼ ଖୁସିରେ ଯୁବକଟି ବଖାଣିଲା ସେଇକଥା – 'ମିଲ୍‌ର ଜନେ ବଡ଼ବାବୁ ମୁର୍ ଆଖିଆଗରେ ମୁର୍ ମା' ଭଉନିଙ୍କ ଧିଅରେ ହାତ ଦେଲା, ମୁର୍ ରକତ ତାତି ଉଠିଲା। ମୁଁ ବାଧା ଦେଇ କହିଲି – "ତୁ ବଡ଼ବାବୁ ହେଇଚୁ, ପାଠ୍ ପଢ଼ିଛୁ – ମା ଭଉନିଙ୍କର ଇଜ୍ଜତ୍ ସାରୁଚୁ ଲଜ୍ଜା ନାହିଁ?" ଯୁବକର କଳା ମୁଚୁମୁଚୁ ମାଂସଳ ଦେହ, ଫୁଲିଲା ଫୁଲିଲା ମାଂସପେଶୀ, ଖୁବ୍ ଶକ୍ତ, ଚମ ରଙ୍ଗ ଖାସୁରିଆ। ଏକଥା କହିଲାବେଳେ ତା' ଆଖିଦି'ଟା ଜଳୁଥିଲା ନିଆଁ ମୁଣ୍ଡାପରି। ସେଦିନ ବଡ଼ବାବୁକୁ ଶକ୍ତ ଧକ୍କାଟିଏ ଦେଲା, ତାଙ୍କ ମୁହଁ ଫାଟି ଲହୁ ବୋହିଲା। ମା' ଭଉଣୀର ଇଜ୍ଜତ, ତା'ର ଇଜ୍ଜତ। ଦିନେ ଯୁଦ୍ଧରେ ଜୀବନକୁ ପାଣି ଛଡ଼େଇ ଦେଇଥିଲା, ଆଜି ଚାକିରି ମୋହ ବି ଛାଡ଼ିଲା, ଢେର୍ ପିଟା ଖାଇଲା। ତା' ନାଁରେ ମିଲ୍ ମାଲିକ କୋର୍ଟରେ ଦାବା ପକେଇଲା। ଏ ବି ତାଙ୍କ ନାଁରେ ଦାବା କଲା, ମାନହାନୀ ଦାବି କଲା। ମକଦ୍ଦମା ଚଳାଇବାକୁ ଟଙ୍କା ନାହିଁ। ସେ ତା' ସ୍ତ୍ରୀ ସାହାଯ୍ୟ ମାଗନ୍ତି, କେବଳ ସେଇଥି ପାଇଁ। ଆଦିବାସୀଟିଏ ଭାରି ସ୍ୱାଭିମାନୀ। ଲାଗି ଖାଇବା ଜାଣେ, ମାଗି ଖାଇ ସେ ଶିଖିନି। ତା'ର ମହତ ଉଦ୍ଦେଶ୍ୟକୁ କେତେକ ଯାତ୍ରୀ ବୁଝନ୍ତି। ଚାରେଣି, ଦୋଣିଟିଏ ବଢ଼ାଇ ଦିଅନ୍ତି। ତା' ସ୍ତ୍ରୀ ପାଖରେ ଠିଆ ହୋଇଥିଲେ ସାହାଯ୍ୟର ହାତ ଅଧିକ ଲମ୍ବି ଆସେ, ନଥିଲେ ଲୋକେ ନାକ ଟେକନ୍ତି। କିଏ କେତେ ପ୍ରକାର କହନ୍ତି। ଇଜି ମନି କମଉଛି, ଆଉ ଲାଗି ଖାଇବ କ'ଣ? ଏମିତି ଆଉ ଅନେକ ପ୍ରକାର କହନ୍ତି।

ଇଜି ମନି – ଏଇ ଧରନ୍ତୁ ଜୁଆଖେଳ, କଳାବଜାରି କରିବା, ଚାକିରି ବଜାରରେ ନିଷ୍ଠାର ସହ ନ ଖଟିବା, ଉପର ହାକିମକୁ ଖୋସାମତ କରି ଉପରକୁ ଉଠିବା, ତଳିଆଙ୍କ ଉପରେ ଫଁ ଫଁ କରି ପଇସା ଆଣିବା, ସେମାନଙ୍କ ଠାରୁ ନାନାଦି ଫାଇଦା ଉଠାଇବା, ଦେଶସେବା, ସମାଜ ସେବା ନାଁରେ ଅଣ୍ଟି ପୂରେଇବା ଇତ୍ୟାଦି ଏସବୁ ଫନ୍ଦି ସହଜ ଟଙ୍କା ରୋଜଗାରର ମାଧ୍ୟମ।

ନିରୀହ ଆଦିବାସୀ, ଆଇନ କାନୁନ କ'ଣ ଜାଣେନା, ଧରମ୍ ଦେବତା ତା'ର ସାକ୍ଷୀ, ସେଇ ଏକା ତା'ର ସାହାଭରସା, ହେଲେ ଭାଗ୍ୟ ସହିଲାନି। କନ୍ଧ ଯୁବକଟି ଦାବାରେ ହାରିଲା। ମିଲ୍ ମାଲିକ ସହ ଲଢ଼େଇ, ସେ କୋଟିପତି, ଆଉ ଏ ଷ୍ଟେସନରେ ହାତ ପତେଇଛି ମୁକଦ୍ଦମା ଲଢ଼ିବାକୁ? ଶେଷରେ ଯୁବକଟିର ସବୁ ସାହା ରାହା ତୁଟିଲା। ଯୁଦ୍ଧଫେରନ୍ତା ଶ୍ରମିକ, ସରକାରଙ୍କୁ ଗୁହାରି କଲା, ଚାକିରି ଖଣ୍ଡେ ବି ମିଳିଲାନି। ସେଦିନ ଅତି ବିକଳରେ ସେ କହୁଥିଲା – "ବାବୁ ମୁର୍ ଏଥିରେ ହାର ହେଲା। ହାକିମ କହିଲା ମାନହାନି ହେଇନି। ବଡ଼ ଲୁକର ବିଚାର ବାବୁ! ଧୋବ ଧାଉଳିଆ ହାକିମମାନେ ଆମ ଭଳି ଗରିବ୍‌ର ମାନ୍ ଅଛି ବୋଲି ବିଚାରନ୍ତି ନାହିଁ।" ଏବେ ଆଉ କ'ଣ ପାଇଁ ସେ ହାତ ପାତିବ? ସ୍ୱାମୀ ସ୍ତ୍ରୀ ଦି ଜଣ ରୋଡ଼୍ ପାଇଟିରେ, ବେଶ୍ ଖୁସିରେ ଅଛନ୍ତି, ହେଲେ ତା'ର ଅବସୋସଟା ରହିଗଲା। ମା' ଭଉଣୀଙ୍କ ଇଜ୍ଜତ ପାଇଁ ଲଢୁଥିଲା; କିନ୍ତୁ ଏ ସହରୀବାବୁ ଗୁଡ଼ାକ ଭାରି ନୁଙ୍ଗୁରା। ସାହାଯ୍ୟ ମାଗିଲା ବେଳେ ତା' କନିଆ ଉପରେ ଆଖି ପକାଉଥିଲେ। ଏକଥା ଗୁଡ଼ାକ ଶୁଣୁଥିଲେ ହରିପଦ। ସରକାରୀ ଚାକିରିରେ ଅଛନ୍ତି। ନିତି ଯାଆନ୍ତି ସେଇ ଆସନ୍‌ସୋଲ୍ ରେଲଗାଡ଼ିରେ।

ବେଶ୍ କିଛିଦିନ ଗଡ଼ିଗଲାଣି। ଦିନେ ଆଦିବାସୀ ଯୁବକ ସହ ହରିପଦଙ୍କର ଦେଖା ହେଇଗଲା। ସେ, ତା'ର ସ୍ତ୍ରୀ ରାସ୍ତାକାମ କରୁଥିଲେ। ଅନ୍ୟ କୁଲି କୁଲିଆଣୀଙ୍କ ସହ ଗୋଡ଼ି ବିଛାଉଥିଲେ। ଷ୍ଟେସନ୍‌କୁ ନ ଯିବାର କାରଣଟା ପଚାରିଲେ ହରିପଦ। ଯୁବକଟି ଓଗାଳି ପକାଇଲା ମନ ଗହନର କଥା କେଇପଦ – "ବାବୁ? ମୁଇଁ ବଡ଼ ପାଟିରେ କଥା କହିଲା ବେଳେ ଦେଖେଁ ଗୁଡ଼େ ଲୁକ ମୁର୍ କନିଆ ଆଡ଼େ ଚାହିଁଛନ୍ତି। ମୁର୍ କଥା କିଛି ଶୁଣୁନାହାନ୍ତି। ମୁର୍ ମୁଣ୍ଡ ଗରମ ହେଇଯାଏ। ହେଲେ କିଛି କହିପାରେନି। ପଇସା ତ ମାଗୁଛି। ମୁର୍ କନିଆ ସାଥିରେ ନଥିଲା ଦିନ ବେଶୀ ପଇସା ମିଳେନି। ଯୋଉଦିନ ମୁର୍ କନିଆ ନଥାଏ ସେ ଦିନ ଡବାରେ ପଶି ମୁର୍ କଥା କହିବାକୁ ଗଲାବେଳେ କିଏ କହିବ, "ହଉ ଥାଉ ଥାଉ", ଆଉ କିଏ କହେ, "ବକ୍ତୃତା ଦେବା ଦରକାର ନାହିଁ – ଆମେ ଜାଣିଚୁ ତୁମ କଥା – ନିଅ। କିଏ ମୁର୍ ହାତକୁ ପଇସା ଦି'ଟା ବଢ଼େଇ ଦେଇ କହିବ- 'ଭଲ ଫନ୍ଦି କରିଛ'। ମୋର ଦେଶର ଭଉନି ମା' ମାନଙ୍କର ଇଜ୍ଜତ୍ ପାଇଁ ମୁଇଁ ମାଡ଼ ଖାଇଲି, ଭିଖ୍ ମାଗିଲି – ଆଉ ଏମାନେ ମୁର୍ ଯୁବତୀ କନିଆ ଉପରେ ନଜର ଦେଲେ?" ଏକଥା କହିଲା ବେଳେ ସେ ଖୁବ୍ ଉଦାସ ଲାଗୁଥିଲା। ଏବେ ଆଉ ଯୁବକଟି ହାତ ପାତୁନି, ପଥର ଭାଙ୍ଗୁଚି, ମାଟି ତାଡୁଛି, ତା' ସ୍ତ୍ରୀ ଗୋଡ଼ି ବୋହୁଛି, ଏଥିରେ ମାନ ସମ୍ମାନ ଅଛି। ଭିକମାଗିବାଟା ତାଙ୍କ ପାଇଁ ବିଷ୍ଠା ଖାଇବା ସହ ସମାନ। ହରିପଦ ଦେଖୁଥିଲେ, ଅଦୂରରେ ତା'ର ଯୁଆନ ସ୍ତ୍ରୀ, ଗୋଲଗୋଲ, ଡଉଲ ଡାଉଲ ଠିକ୍ ମୁଗୁନି ପଥର ପରି, ବଳିଲା ବଳିଲା ହାତ ଗୋଡ଼। ସତେ ଯେମିତି ଦୁନିଆର ସବୁ ଅପମାନ, ସବୁ ନିର୍ଯ୍ୟାତନାକୁ ସେ ତୁଚ୍ଛକରି କାମ କରି ଚାଲିଛି। ଏତେ ବଡ଼ ଦୁନିଆଟା, ପ୍ରବହମାନ ଜୀବନସ୍ରୋତ, ତା' ମଧ୍ୟରେ ବାରି ହୋଇ ପଡୁଥିଲେ ଏ ଦି'ଜଣ। ହଜି ଯିବାର ଭୟନାହିଁ। ରାସ୍ତାକାମ ଚାଲିଛି, ତା' ଭିତରୁ ଗୁମୁରି ଉଠୁଥିଲା ଘଡ଼ଘଡ଼ ଶବ୍ଦ ଆଉ ଏକ ଅପୂର୍ବ ସଂଗୀତର ଧ୍ୱନି ମାଧୁର୍ଯ୍ୟ। ଗତଦିନର କଥାଗୁଡ଼ିକ ହରିପଦର ମନେ ପଡ଼ିଯାଉଥିଲା। ସେଦିନ ଯାତ୍ରୀଗୁଡ଼ାକ! ସତରେ ତା' କନିଆକୁ ଡାହାଣ ଆଖିରେ ଚାହୁଥିଲେ। ସେଥିରେ ଭରି ରହିଥିଲା ଆଦିମ କ୍ଷୁଧାର ନଗ୍ନରୂପ। ହରିପଦ ସେମାନଙ୍କ ମଧ୍ୟରୁ ଜଣେ ନଥିଲେ ତ!

ଆଦିବାସୀଟି ସହରୀ ମଣିଷକୁ ଦେଖିଲା, ରଙ୍ଗ ଢଙ୍ଗ ବୁଝିଲା, ପଢ଼ିପାରିଲା ସେମାନଙ୍କ ଅବଚେତନ ମନକୁ। ନଥାଉ ପଛେ ତା'ର ସ୍କୁଲ, କଲେଜ ଶିକ୍ଷା। ହରିପଦ ପାଖରୁ ବୁଝିଥିଲେ ଆଦିବାସୀଟିକୁ। ବିମୁଗ୍ଧ ହେଇ ଯାଉଥିଲେ ତା' ପବିତ୍ରତାରେ। ଏଇ ସହରୀ, ବଜାରୀ, ଧୋବଧାଉଳିଆ ତା' ପାସାଙ୍ଗରେ ପଡ଼ିବେନି। ଏମାନେ ସେଇ ନିଷ୍କପଟ କନ୍ଧ ଯୁବକ ନିକଟରେ କେତେ ନିଷ୍ପ୍ରଭ ସତେ! ଏମାନଙ୍କ ମନରେ ରାଶିରାଶି ଅନ୍ଧାର, ଅବଦମିତ କ୍ଷୁଧାର ଲେଲିହାନ ଶିଖା। ଏକଥାଟି ଆଦିବାସୀ ଯୁବକଟିକୁ ଆଉ ଅଛପା ନଥିଲା। ତା'ର ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଥିଲା ବହୁ ଊର୍ଦ୍ଧ୍ୱରେ। ତା' ବଣୁଆ – ନିର୍ଭୀକତା ସହରୀବାବୁଙ୍କ ଠାରେ ଜମା ନଥିଲା। ଖାଲି ହରିପଦ ନୁହେଁ, ତାଙ୍କପରି ନୌକର ଲିପ୍‌ସୁ ଶହଶହ ନିକଟରେ ନାହିଁ ବା କେଉଁ ଶିକ୍ଷିତ ସଭ୍ୟର ଥିଲା ପରି ମନେ ହେଉ ନ ଥିଲା। ଶୋଧା ଗାଳିଖାଇ, ଦାନ୍ତ କିଲେଇ, ଚାକିରିକୁ କାମୁଡ଼ି ଧରିବା ପ୍ରବୃତ୍ତି ଆଜି ଅନେକଙ୍କର। ଏବେ ବ୍ୟର୍ଥତାର ଯୁଗ। ଏଠି କେଉଁ ଶିକ୍ଷିତ ସଭ୍ୟର ବା ଆତ୍ମସମ୍ମାନ ଜ୍ଞାନ ଅଛି? ଅଛି କିନ୍ତୁ ସେ କନ୍ଧ ଯୁବକଟିର, ତା'ରି କୋଟିକୋଟିଙ୍କର। ସେଦିନ ସେ ଛାତିଫୁଲେଇ କହୁଥିଲା- "ମୁଇଁ ମୋର କନିଆ ମୂଲ ଲାଗୁଛୁ, ଆମେ ମରିବୁ ପଛେଁ ଭିଖ୍ ମାଗିବୁ ନାହିଁ।" କେତେଦିନ ବା ତା' ଡିଣ୍ଡା କନିଆକୁ ସାଥିରେ ଧରି ଯୁବକଟି ହାତ ପତେଇଥାନ୍ତା? ପୁଣି ଅନ୍ୟର ଇଜ୍ଜତ ରକ୍ଷା ପାଇଁ? ହରିପଦ ଭାବୁଥିଲେ, ଏ ସଭ୍ୟ ସମାଜରେ ସେଇ ହିଁ ଏକା 'ହିରୋ', ନାୟକ ପରି ପ୍ରତୀୟମାନ ଏଇ ବାବୁମାନେ ସବୁ ଶୂନ। ଖାଲି 'ଜିରୋ'ଟିଏ ଯାହା! 'ଜୀବନ ଥିଲେ ଭାଇ ପାତିବା ନାହିଁ ହାତ' – ଏକଥା ସମାଜ ଶିଖୁ ସେଇ କନ୍ଧ ଯୁବକଠାରୁ!

# ଯୋଗକଳ୍ପା ଓ ତ୍ରିକାଳଦର୍ଶୀ ବୈଷ୍ଣବ କବି ଶ୍ରୀ ଅଚ୍ୟୁତାନନ୍ଦ ଦାସ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ସମ୍ପାଦକ - ଭଗବତୀ ସାହିତ୍ୟ ସଂସଦ
ମୋ-୯୯୩୮୯୦୬୦୭୦

ଅଚ୍ୟୁତାନନ୍ଦ ଦାସ ଓଡ଼ିଶାର କଟକ ଜିଲ୍ଲାସ୍ଥିତ ନେମାଳ ପାଖରେ ଥିବା ତିଳକଣା ଗାଁରେ ମାତା ପଦ୍ମାବତୀ ଓ ପିତା ଦୀନବନ୍ଧୁ ଖୁଣ୍ଟିଆଙ୍କ ଔରସରୁ କରଣ ପରିବାରରେ ଜନ୍ମଲାଭ କରିଥିଲେ । ତାଙ୍କ ପୂର୍ବ ପୁରୁଷଙ୍କ ସଂଜ୍ଞା ମହାନ୍ତି ଥିଲା କିନ୍ତୁ ତାଙ୍କ ପିତା ଦୀନବନ୍ଧୁ ମହାନ୍ତି ଗଜପତି ପ୍ରତାରୁଦ୍ର ଦେବଙ୍କ ଶାସନରେ ଖୁଣ୍ଟିଆ ପାହ୍ୟାରେ କାର୍ଯ୍ୟରତ ଥିବାରୁ ତାଙ୍କ ପିତାଙ୍କୁ ଖୁଣ୍ଟିଆ ସଂଜ୍ଞା ମିଳିଥିଲା। ଅଚ୍ୟୁତାନନ୍ଦ ଦାସ ତାଙ୍କ ବଂଶ ବିଷୟରେ ବର୍ଣ୍ଣନା କରିବାବେଳେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ପିତା ପୁରୀର ଜଗନ୍ନାଥ ମନ୍ଦିରରେ ନିୟୋଜିତ କରଣ ସେବାୟତ ହୋଇଥିବାବେଳେ ତାଙ୍କ ଜେଜେବାପା ଗୋପୀନାଥ ମହାନ୍ତି ଗଜପତି ରାଜାମାନଙ୍କର ମୁଖ୍ୟ ଉପଦେଶକାର 'ଛାମୁ କରଣ' ଭାବରେ କାର୍ଯ୍ୟରତ ଥିଲେ। ଅଚ୍ୟୁତାନନ୍ଦ ତାଙ୍କ ସମୟର ଏକ ସମ୍ଭ୍ରାନ୍ତ କରଣ ପରିବାରରେ ଜନ୍ମଗ୍ରହଣ କରିଥିବା ସତ୍ତ୍ୱେ ସେ କେଉଟ ଏବଂ ଗୌଡ଼ ପରି ସମ୍ପ୍ରଦାୟ ସହ ଜଡିତ ଥିଲେ ଏବଂ ଓଡ଼ିଆ ସମାଜରେ ସେମାନଙ୍କର ସାମାଜିକ ସ୍ଥିତିକୁ ସୁଧାରିବା ପାଇଁ ସେମାନଙ୍କ ସମ୍ପ୍ରଦାୟ ପାଇଁ ଅନେକ ଗ୍ରନ୍ଥ ଲେଖିଥିଲେ। ଉପରୋକ୍ତ ସମ୍ପ୍ରଦାୟଗୁଡ଼ିକ ଅଚ୍ୟୁତାନନ୍ଦ ଦାସଙ୍କୁ ସେମାନଙ୍କ ପୃଷ୍ଠପୋଷକ ଭାବେ ବିବେଚନା କରନ୍ତି। ସେ ନିଜ ରଚନା ଶୂନ୍ୟସଂହିତାରେ ସେ ପୂର୍ବ ଜନ୍ମରେ ସୁଦାମା ହୋଇଥିବାର ଉଲ୍ଲେଖ କରିଛନ୍ତି। ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ୧୬ଶ ଖ୍ରୀ.ର ପ୍ରାରମ୍ଭ ବେଳକୁ ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିବା ଜଣେ ଯୋଗକଳ୍ପା ଓ ତ୍ରିକାଳଦର୍ଶୀ ବୈଷ୍ଣବ କବି । ତାଙ୍କ ରଚିତ ୧୦୦ ମାଳିକା ମଧ୍ୟରୁ ଭବିଷ୍ୟ ମାଳିକା, ଜାଇଫୁଲ ମାଳିକା, ଦଶପଟଳ ମାଳିକା, କଳିଯୁଗ ମାଳିକା ଆଦି ଖୁବ୍ ଲୋକାଦୃତ । ସେ ନିଜ ରଚନା ଶୂନ୍ୟସଂହିତାରେ ଆତ୍ମପରିଚୟ ଦେଇ ଲେଖିଛନ୍ତି ଯେ ସେ ପୂର୍ବ ଜନ୍ମରେ ସୁଦାମ ଥିଲେ । ଓଡ଼ିଆ ଭାଷାରେ ଯୋଗ, ପୁରାଣ ଓ ଆଗତ ଭବିଷ୍ୟ ଉପରେ ଆଧାରିତ ୩୬ଟି ସଂହିତା, ୭୮ଟି ଗୀତା, ୧୦୦ଟି ମାଳିକା, ଅନେକ ଭଜନ, ଚଉପଦୀ ଏବଂ ଜଣାଣ ଏହିପରି ପାଖାପାଖି ୧୬୦,୦୦୦ ପଦ୍ୟାବଳୀ ସେ ରଚନା କରିଯାଇଛନ୍ତି । ଏହା ସହିତ ସେ ଅନେକ ଭଜନ ଚୌପଦୀ ଲେଖିଛନ୍ତି । ଯୋଗ, ଜ୍ୟୋତିଷ, ଦର୍ଶନ, ବାସ୍ତୁ, ମନ୍ତ୍ର, ଯନ୍ତ୍ର, ତନ୍ତ୍ର, ଆୟୁର୍ବେଦ ତଥା ଏହିପରି ଅନେକ ବିଷୟ ଏବଂ ବିଦ୍ୟାରେ ତାଙ୍କର ପାରଦର୍ଶିତା ଥିବାରୁ ତାଙ୍କୁ ଓଡ଼ିଶାର ପୁରପଲ୍ଲୀରେ 'ମହାପୁରୁଷ' ଭାବେ ଲୋକେ ଅଭିହିତ କରନ୍ତି। ଅଚ୍ୟୁତାନନ୍ଦ ଶରୀରତତ୍ତ୍ୱ ଭଳି କଠିନ ଦାର୍ଶନିକ ବିଷୟଗୁଡ଼ିକୁ ସରଳ ଓଡ଼ିଆ ଭାଷାରେ ଲେଖିଛନ୍ତି। ଅଚ୍ୟୁତାନନ୍ଦ ନିରାକାର ଭଜନର ମହତ୍ତ୍ୱ ବିଷୟରେ ବାରମ୍ବାର ଲେଖିଛନ୍ତି । ସେ ଲେଖିଛନ୍ତି –

'ମୋହ ଶପଥ ତୋତେ ଆହୋ ବାବୁ/ ଏ ଭଜନ ସୂତ୍ର ସୂତ୍ରେ ଭଜିବୁ । କିଏ କାହାର ମିଥ୍ୟା ଯେ ସଂସାର / ଆପେ ତରିଲେ ଆଉ କେ କାହାର । ଆପକୁ ଆପେ ଚିହ୍ନିଲେରେ ବାବୁ / କାଳେ କାଳେ ଅଜାମର ହୋଇବୁ । ସୁଖେ ପାରିହେବୁ ଭବସାଗର / ବୁଲିଗଲା ପ୍ରାୟେ ଯିବ ଶରୀର' ।

ତାଙ୍କ ନିଜ ଲେଖାରୁ ତାଙ୍କର ଚୈତନ୍ୟଙ୍କ ସହ କିପରି ଭେଟ ହୋଇଥିଲା ବର୍ଣ୍ଣନା ରହିଛି। ସେ ଲେଖିଛନ୍ତି ଯେ- ଚୈତନ୍ୟ ଗୋସାଇଁ ବିଜେ କରିଛନ୍ତି ବଡ଼ଦାଣ୍ଡରେ ଯେ ଆସି /ପିତାଙ୍କ ସଙ୍ଗରେ ଦର୍ଶନ କଲି ମୁଁ ଚରଣେ ପଡ଼ିଲି ଝାସି । ଅଚ୍ୟୁତାନନ୍ଦଙ୍କ ୩୦୦୦ ଭକ୍ତ ବା ଶିଷ୍ୟ ଥିଲେ । ଏହି ଭିତରୁ ଉତ୍ତମ ଶିଷ୍ୟ ୫୦୦ । ପ୍ରାଚୀକୂଳରେ ଅଚ୍ୟୁତଙ୍କ ୧,୦୦୦ ଭକ୍ତ ଥିଲେ । ଅନନ୍ତପୁର ଶାସନର ଶର୍ମ୍ମା ଦ୍ୱିଜବର, ପ୍ରାଚୀ କୂଳର ଦାସ ମହାପାତ୍ର, ଗଣେଶ ପତି, ଗଣକକୁଳ କାହ୍ନୁଙ୍କ ପୁତ ପରୀକ୍ଷିତ, ଯାଜପୁର ବନ୍ଧୁ ମହାନ୍ତି ଆଦି ଦାସଙ୍କ ପ୍ରମୁଖ ଶିଷ୍ୟ ଥିଲେ । ସେ ସମୟରେ ଗଜପତି ପ୍ରତାପରୁଦ୍ର ଦେବ ଓଡ଼ିଶାର ରାଜା ଥିଲେ । ଦାସଙ୍କ ଶୂନ୍ୟଭଜନ କଥା ରାଜା ଶୁଣିପାରିଲେ ଓ ଶୂନ୍ୟଭଜନ କି ପ୍ରକାର ତାହା ଜାଣିବା ଲାଗି ଅଚ୍ୟୁତଙ୍କ ସହ ଅନେକ କଟାଳ କଲେ । ବ୍ରାହ୍ମଣମାନେ ଏହା ଶୁଣି ଉପହାସ କଲେ । ଦାସଙ୍କର ଉପହାସ ପ୍ରତି ଭ୍ରୂକ୍ଷେପ ନ ଥିଲା । ଦାସେ ରାଜାଙ୍କ ଆଜ୍ଞା ପାଇ ସଙ୍କଟରେ ପଡ଼ିଲେ ମାତ୍ର ଶେଷକୁ ପରୀକ୍ଷା ହେବା ସ୍ଥିର କରାଗଲା । ପୁରୀ ସହରର ବାଙ୍କି ମୁହାଁଣ ନିକଟସ୍ଥ ଶୂନ୍ୟ ବାମ୍ପିଠାରେ ପରୀକ୍ଷା ହେଲା । ପରୀକ୍ଷା ପରେ ରାଜା ସନ୍ତୁଷ୍ଟ ହୋଇ ଓ ସେହି ସ୍ଥାନରେ ବାସ କରିବା ଲାଗି ଅଚ୍ୟୁତଙ୍କୁ ଆଜ୍ଞା ଦେଲେ। ଅଦ୍ୟାବଧି ଏହି ସ୍ଥାନରେ ଗୋଟିଏ ମଠ ରହିଛି ଯାହାର ନାମ ଗୋପାଳ ମଠ । ଅଚ୍ୟୁତାନନ୍ଦ ଶରୀରତତ୍ତ୍ୱ ଭଳି କଠିନ ଦାର୍ଶନିକ ବିଷୟଗୁଡ଼ିକୁ ସରଳ ଓଡ଼ିଆ ଭାଷାରେ ଲେଖିଛନ୍ତି । ତାଙ୍କ ରଚନା ମଧ୍ୟରେ ହରିବଂଶ ପୁରାଣ, ଆଗତ- ଭବିଷ୍ୟ ମାଳିକା, ଜାଇଫୁଲ ମାଳିକା, ଦଶପଟଳ ମାଳିକା, କଳିଯୁଗ ମାଳିକା, ଗୁରୁଭକ୍ତି ଗୀତା, ବ୍ରହ୍ମ ଏକାକ୍ଷର ଗୀତା, ଶୂନ୍ୟ ଗୀତା, କୈବର୍ତ୍ତ ଗୀତା, କଳିଯୁଗ ଗୀତା, ଗରୁଡ଼ ଗୀତା, ଶୂନ୍ୟ ସଂହିତା, ଅଣାକାର ସଂହିତା, ବଟ ସଂହିତା, ଛାୟା ସଂହିତା, ବୀଜ ସଂହିତା, ବ୍ରହ୍ମ ସଂହିତା, ନିତ୍ୟ ରାହାସ, ମହାନିତ୍ୟ ରାହାସ, ଶୁନ୍ୟ ରାହାସ, କଳ୍ପ ଟୀକା, ଚନ୍ଦ୍ରକଳ୍ପ ଟୀକା, ପଦ୍ମକଳ୍ପ ଟୀକା, ଷୋଡ଼ଶ ପଟଳ, ଗୋପାଳଙ୍କ ଓଗାଳି ଓ ଲଉଡ଼ି ଖେଳ ଆଦି ଖୁବ୍ ଉଚ୍ଚାଙ୍ଗ ଆଉ ଲୋକାଦୃତ। ଅଚ୍ୟୁତାନନ୍ଦ ଦାସ ଓଡ଼ିଶାର କଟକ ଜିଲ୍ଲାସ୍ଥିତ ନେମାଳ ପାଖରେ ଥିବା ତିଳକଣା ଗାଁରେ ମାତା ପଦ୍ମାବତୀଙ୍କଠାରୁ ଓ ପିତା ଦୀନବନ୍ଧୁ ଖୁଣ୍ଟିଆଙ୍କ ଔରସରୁ ଜନ୍ମଲାଭ କରିଥିଲେ। ସେ ନିଜର ଜନ୍ମ ଗୋପାଳ ଜାତିରେ ହୋଇଥିବା ନିଜେ ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି – 'ତିଳକଣାରେ ମୁଁ ଜନମ ହୋଇଲି କେହି ନ ଚିହ୍ନିଲେ ମୋରେ /ଅଗଣିତ ବୋଲି ମାତା ଡାକୁଥାନ୍ତି ଅନ୍ନ ନ ମିଳଇ ଘରେ । ବେନି ଭ୍ରାତ ମୋର ଏକ ଯେ ଭଗିନୀ ତ୍ରିପୁର ଗ୍ରାମରେ ବାସ / ଏମନ୍ତ ମୋ ମାତା ପିଅର ବଞ୍ଚନ୍ତି ଗ୍ରାମରେ କରି ନିବାସ । ନାମ ମୋ ଅଚ୍ୟୁତ ଦାସ ଯେ ବିଖ୍ୟାତ ନେମାଳ ଗ୍ରାମରେ ଥାଇ / ଏବେ ଶୂଦ୍ରକୁଳେ ଜନମ ଲଭିଛି ପ୍ରଭୁଙ୍କ ଆଜ୍ଞାରୁ ମୁହିଁ । ଏହି ଉଦ୍ଧୃତି ଅନୁସାରେ ସେ ତିଳକଣା ଗ୍ରାମରେ ଜନ୍ମ ହୋଇଥିଲେ । ମାତା ତାଙ୍କୁ 'ଅଗଣି' ବୋଲି ଡାକୁଥିଲେ । ତାଙ୍କର ଦୁଇ ଭାଇ ଓ ଗୋଟିଏ ଭଉଣୀ ଥିଲେ ଓ ସେ ଶୂଦ୍ର କୁଳରେ ଜନ୍ମିତ । ପୁନଃ ସେ ନିଜ ମାତା ପିତାଙ୍କ ନାମ ମଧ୍ୟ ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି – 'ଦୀନବନ୍ଧୁ ନାମ ଖୁଣ୍ଟିଆ ଶୂଦ୍ରର କୁଳରେ ହୋଇବୁ ଜାତ/ବାଞ୍ଛିଲାର ଫଳ ନୋହିବ ବିଫଳ ପ୍ରିଅଂଶେ ଲାଭ ପୁତ୍ର। ଖୁଣ୍ଟିଆ ଦୀନବନ୍ଧୁ ନାମେ ବୋଲିଣ ପଦ୍ମାବତୀ ନାମେ ନାରୀ / ପ୍ରଭୁ ଆଜ୍ଞା ଘେନି ପ୍ରବେଶ ହୋଇଲି ଗର୍ଭେଣ ମୁହିଁ ତାହାରି । ଦଶମାସ ଦଶ ଦିବସ ମଧ୍ୟରେ ଶୁକ୍ଳ ମାଘ ଏକାଦଶୀ/ ଜନମ ଲଭନ୍ତେ ପିତା ମୋ ଦେଖନ୍ତେ ଅପୁତ୍ରିକ ଦୋଷଧ୍ୱଂସୀ । କେ ବୋଲେ ଅନାମ ଅଗଣି ତ ନାମ କେ ବୋଲେ ଅନନ୍ତ ହରି/ ମାତା ପିତା ମୋତେ ଡାକିଲେ ନିଶ୍ଚୟ ଅଚ୍ୟୁତ ଯେ ନାମ ଧରି'। ଯେତେବେଳେ ଗଜପତି ପ୍ରତାପରୁଦ୍ର ଦେବ ଓଡ଼ିଶାର ରାଜା ଥିଲେ । ସେତେବେଳେ ଅଚ୍ୟୁତାନନ୍ଦ ଦାସଙ୍କ ଶୂନ୍ୟଭଜନ କଥା ରାଜା ଶୁଣିପାରିଲେ ଓ ଶୂନ୍ୟଭଜନ କି ପ୍ରକାର ତାହା ଜାଣିବା ଲାଗି ଅଚ୍ୟୁତଙ୍କ ସହ ଅନେକ କଟାଳ କଲେ । ବ୍ରାହ୍ମଣମାନେ ଏହା ଶୁଣି ଉପହାସ କଲେ । ଦାସଙ୍କର ଉପହାସ ପ୍ରତି ଭ୍ରୂକ୍ଷେପ ନ ଥିଲା । ଦାସେ ରାଜାଙ୍କ ଆଜ୍ଞା ପାଇ ସଙ୍କଟରେ ପଡ଼ିଲେ ମାତ୍ର ଶେଷକୁ ପରୀକ୍ଷା ହେବା ସ୍ଥିର କରାଗଲା । ପୁରୀ ସହରର ବାଙ୍କି ମୁହାଁଣ ନିକଟସ୍ଥ ଶୂନ୍ୟ ବାମ୍ପିଠାରେ ପରୀକ୍ଷା ହେଲା । ପରୀକ୍ଷା ପରେ ରାଜା ସନ୍ତୁଷ୍ଟ ହୋଇ ଓ ସେହି ସ୍ଥାନରେ ବାସ କରିବା ଲାଗି ଅଚ୍ୟୁତଙ୍କୁ ଆଜ୍ଞା ଦେଲେ । ଅଦ୍ୟାବଧି ଏହି ସ୍ଥାନରେ ଗୋଟିଏ ମଠ ରହିଛି ଯାହାର ନାମ ଗୋପାଳ ମଠ। ଅଚ୍ୟୁତାନନ୍ଦ ଜାତିଭେଦରେ ବିଶ୍ୱାସ ରଖୁନଥିଲେ । ସେଥିପାଇଁ ସେ ଲେଖିଲେ –

'ହେଲେ ଜାତି ହୀନ ନାହିଁ ତହିଁ ମାନ
ଶ୍ରୀକୃଷ୍ଣ ବାସନା ଥାଏ
କଳିକତରା ଯେ ପଙ୍କରେ ବୁଡ଼ିଲେ
ପଙ୍କ ନ ଲାଗଇ ଦେହେ' !

ଓଡ଼ିଶାର ଏହି ବରେଣ୍ୟ ବ୍ୟକ୍ତି ତଥା ମହାପୁରୁଷ ଜ୍ୟୈଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ଦେହତ୍ୟାଗ କରିଥିଲେ । ତାଙ୍କ ଅମ୍ଳାନ କୃତି ଯୁଗ ଯୁଗ ପାଇଁ ତାଙ୍କୁ ଅମର କରି ରଖିଛି ଆଉ ରଖିଥିବ ।

# ହଜାରେ ବର୍ଷର ବନ୍ଧୁ



ହିତାଂଶୁ ଶେଖର ମହାନ୍ତ
ଯଶିପୁର, ମୟୂରଭଞ୍ଜ,
ମୋ-୯୪୩୭୮୭୨୯୦୪

ଭାରତ ପ୍ରତି ତା'ର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ଶତ୍ରୁ ମନୋଭାବ ପୋଷଣ କରୁଥିବା ଆଜି ଆଉ କାହାରିକୁ ଅଛପା ନୁହେଁ । ତେବେ ଭାରତଠାରୁ ବେଶ୍ ଦୂରରେ ଥିଲେ ମଧ୍ୟ ଆଜି ବି ଏପରି ଏକ ଦେଶ ରହିଛି, ଯାହା ଶତାବ୍ଦୀ ଶତାବ୍ଦୀ ଧରି ଭାରତକୁ ବନ୍ଧୁ ରାଷ୍ଟ୍ରର ମାନ୍ୟତା ଦେଇ ଆସିଛି । ଦୁଇଦେଶର ସମ୍ପର୍କ ଐତିହାସିକ ପ୍ରତୀକର ପୃଷ୍ଠଭୂମି ଉପରେ ପର୍ଯ୍ୟବସିତ । ଏ ସମ୍ପର୍କ ନୌ ବାଣିଜ୍ୟ ଓ ବ୍ୟବସାୟର ସମ୍ପର୍କ । ଏ ସମ୍ପର୍କ ଶାସ୍ତ୍ର, ସଂସ୍କୃତ ଓ ସଂସ୍କୃତିର ସମ୍ପର୍କ । ସର୍ବୋପରି ଏ ସମ୍ପର୍କ ଉଭୟ ଦେଶର ଆକାର ଅନୁଯାୟୀ ଦକ୍ଷିଣ ଏସିଆ ଏବଂ ଦକ୍ଷିଣ-ପୂର୍ବ ଏସିଆରେ ଆଧିପତ୍ୟ ଥିବା ଦୁଇ ଏସୀୟ ରାଷ୍ଟ୍ର ଭାବରେ ଥିବା ସାମଞ୍ଜସ୍ୟର ସମ୍ପର୍କ । ସେହି ଦେଶ ହେଉଛି ଇଣ୍ଡୋନେସିଆ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଇଣ୍ଡୋନେସିଆ ଜନସଂଖ୍ୟାର ୮୭ ପ୍ରତିଶତରୁ ମଧ୍ୟ ଅଧିକ ହେଉଛନ୍ତି ମୁସଲିମ । ଯେଉଁମାନଙ୍କ ସଂଖ୍ୟା ପାଖାପାଖି ୨୫ କୋଟି ହେବ । ଏହାବ୍ୟତୀତ ୧୧ ପ୍ରତିଶତ ଅର୍ଥାତ୍ ପ୍ରାୟ ୩ କୋଟି ହେଉଛନ୍ତି ଖ୍ରୀଷ୍ଟିଆନ । ଅବଶିଷ୍ଟ ୨ ପ୍ରତିଶତଙ୍କ ମଧ୍ୟରେ ହିନ୍ଦୁ, ବୌଦ୍ଧ, କନଫୁସିଅସ୍ ଧର୍ମୀ ଏବଂ ଅନ୍ୟ ଧର୍ମର ଲୋକ ଆସନ୍ତି । ଏହିଠାରୁ ଆପଣ ଅନୁମାନ କରିପାରିବେ, ସେଠାରେ ହିନ୍ଦୁଙ୍କ ସଂଖ୍ୟା କେତେ ନଗଣ୍ୟ । ତଥାପି ସେଠାକାର ରାଷ୍ଟ୍ରପତି ପ୍ରବୋଓ ସୁବିଆଣ୍ଟୋ ଏବଂ ସେଠାକାର ନାଗରିକମାନେ ଭାରତକୁ ଭଲ ପାଆନ୍ତି । ଏଠାକାର ସଂସ୍କୃତିକୁ ଭଲ ପା'ନ୍ତି । ସେଇଥିପାଇଁ ତ' ଇଣ୍ଡୋନେସିଆରେ ଏକ ବିରାଟ ହିନ୍ଦୁ ମନ୍ଦିର ସ୍ଥାପନ ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଏଥିପାଇଁ ଆବଶ୍ୟକ ସାହାଯ୍ୟ ମଧ୍ୟ ଯୋଗାଇ ଦେଇଛନ୍ତି । ଇଣ୍ଡୋନେସିଆ ସହ ବାଣିଜ୍ୟରୁ ଦୁଇ ଦେଶକୁ ହିଁ ଲାଭ ମିଳିଥାଏ । ଦୁଇ ଦେଶ ମଧ୍ୟରେ ୧୬ ଏପ୍ରିଲ ୧୯୪୯ରେ ପ୍ରଥମେ ଯୋଡ଼ି ହୋଇଥିଲା ସମ୍ପର୍କ । ଭାରତର ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ଆଣ୍ଡାମାନ ସାଗରରେ ଦୁଇ ଦେଶ ମଧ୍ୟରେ ସାମୁଦ୍ରିକ ସୀମା ନିର୍ଦ୍ଧାରଣ କରିଥାଏ । ୧୯୫୦ ମସିହାରେ, ଇଣ୍ଡୋନେସିଆର ପ୍ରଥମ ରାଷ୍ଟ୍ରପତି ସୁକର୍ଣ୍ଣୋ ଦୁଇ ଦେଶର ଲୋକମାନଙ୍କୁ ଆହ୍ୱାନ କରି ଲେଖିଥିଲେ, ''ଉଭୟ ଦେଶ ମଧ୍ୟରେ ହଜାରେ ବର୍ଷରୁ ଅଧିକ ସମୟ ଧରି ରହିଥିବା ସମ୍ପର୍କକୁ ୟୁରୋପୀୟ ଉପନିବେଶବାଦୀ ଶକ୍ତିଗୁଡ଼ିକ ଦ୍ୱାରା ଆଦୌ ପ୍ରଭାବିତ ହେବାକୁ ଦିଆଯିବ ନାହିଁ ।'' ଆଉ ଆଜି ଦେଖନ୍ତୁ, ଘଟଣାକୁ ୭୫ ବର୍ଷ ବିତିଯାଇଥିଲେ ମଧ୍ୟ ତାଙ୍କର ସେହି ଚିନ୍ତାଧାରା ଆଜି ବି କାଏମ ରହିଛି । ଅଥଚ ଆଜି ନିଜ ମାଆ ପେଟର ଭାଇ ହୋଇ ସୁଦ୍ଧା, ଗୋଟିଏରୁ ଭାଗ ଭାଗ ହୋଇ ତିନିଟି ଦେଶରେ ପରିଣତ ହେଲେ ସୁଦ୍ଧା; ଭାରତ ପ୍ରତି ପାକିସ୍ତାନ ଓ ବାଂଲାଦେଶର ଆଭିମୁଖ୍ୟ କ'ଣ ! ଗତ ଶତାବ୍ଦୀରେ ସାମ୍ରାଜ୍ୟବାଦ ବିରୋଧରେ ଭାରତ ଏବଂ ଇଣ୍ଡୋନେସିଆର ଆଭିମୁଖ୍ୟ ସ୍ପଷ୍ଟ ଥିଲା, ଏହା ବିରୋଧରେ ସେମାନେ ଏକଜୁଟ ହୋଇଥିଲେ । ଡଚ୍ ଉପନିବେଶବାଦ ବିରୋଧରେ ଲଢୁଥିବା ଇଣ୍ଡୋନେସିଆର ନେତାମାନଙ୍କୁ ସ୍ୱାଧୀନ ଭାରତ ନିଃସର୍ତ୍ତ ସମର୍ଥନ ଦେଇଥିଲା । ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଡଚ୍ ଓଭର୍ ଫ୍ଲାଇଟ୍ ଉପରେ କଟକଣା ଜାରି କରିଥିଲେ ଏବଂ ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀ ଏବଂ ଉପରାଷ୍ଟ୍ରପତିଙ୍କୁ ସ୍ଥାନାନ୍ତର କରିବା ପାଇଁ ଭାରତୀୟ ବିମାନ ପଠାଇଥିଲେ । ଯାହାର ସଫଳ ପାଇଲଟ୍ ଭାବରେ ଇତିହାସ ରଚିଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ । ୫ ଜାନୁଆରୀ ୧୯୫୦ରେ ଏକ ଭାରତୀୟ ଇଂରାଜୀ ଖବରକାଗଜରେ ଇଣ୍ଡୋନେସିଆର ପ୍ରଥମ ରାଷ୍ଟ୍ରପତି ସୁକର୍ଣ୍ଣୋ ଏହାକୁ ନେଇ ଇଣ୍ଡୋନେସିଆର କୃତଜ୍ଞତା ବର୍ଣ୍ଣନା କରି ଏକ ଆଲେଖ୍ୟ ଲେଖିଥିଲେ । ସବୁ ସମୟରେ ଭାରତ ଓ ଇଣ୍ଡୋନେସିଆ ଯେ କୌଣସି ବିଷୟରେ ଏକ ମତ ପୋଷଣ କରି ଆସିଛନ୍ତି । ପରବର୍ତ୍ତୀ ସମୟରେ ଭାରତ ଓ ଇଣ୍ଡୋନେସିଆ ମହାଶକ୍ତି ରାଜନୀତି ପ୍ରତି ଉଦାସୀନତା ଦେଖାଇବା ସହ ବାନ୍ଦୁଙ୍ଗ ସମ୍ମିଳନୀରୁ ଆରମ୍ଭ କରି ଅନ୍ୟତ୍ର ମଧ୍ୟ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ (ନାମ୍)କୁ ସମର୍ଥନ କରିଥିଲେ । ଅର୍ଥାତ୍ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେମାନେ ନିରପେକ୍ଷ ରହିଥିଲେ । ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଭାରତ ଔପନିବେଶକ ଶାସକଙ୍କ ଚାପର ବଶବର୍ତ୍ତୀ ହୋଇଗଲା । ଆଜି ଜାକର୍ତ୍ତାରେ ଭାରତର ଏକ ଦୂତାବାସ ଅଛି ଏବଂ ନୂଆଦିଲ୍ଲୀରେ ମଧ୍ୟ ଇଣ୍ଡୋନେସିଆର ଏକ ଦୂତାବାସ ରହିଛି । ଭାରତ ସର୍ବଦା ଇଣ୍ଡୋନେସିଆକୁ ଏକ ଗୁରୁତ୍ୱପୂର୍ଣ୍ଣ ASEAN ସଦସ୍ୟ ଭାବରେ ବିବେଚନା କରି ଆସିଛି । ଦୀର୍ଘ ସମୟ ଧରି ପ୍ରାୟ ସମସ୍ତ କ୍ଷେତ୍ରରେ ଉଭୟ ଦେଶ ଏକ ଉଚ୍ଚସ୍ତରୀୟ ସହଯୋଗ ପ୍ରତିଷ୍ଠା କରିବାକୁ ସମ୍ମତ ହୋଇଛନ୍ତି । ଏହି ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କର ଆୟୁଷ ଏକ ହଜାର ବର୍ଷରୁ ଅଧିକ । ବିଶ୍ୱର ସବୁଠୁ ବଡ଼ ଗଣତାନ୍ତ୍ରିକ ଦେଶଗୁଡ଼ିକ ମଧ୍ୟରେ ଭାରତ ଏବଂ ଇଣ୍ଡୋନେସିଆର ସ୍ଥାନ ସ୍ୱତନ୍ତ୍ର । ଉଭୟ ଦେଶ ଜି-୨୦, ଇ-୭, ବ୍ରିକ୍ସ, ଗଠନ ନିରପେକ୍ଷ ଆନ୍ଦୋଳନ (ଏନ୍‌ଏଏମ୍) ଏବଂ ଜାତିସଂଘର ସଦସ୍ୟ । ତେବେ ଭାରତ ପ୍ରତି ଇସଲାମିକ୍ ରାଷ୍ଟ୍ରଗୁଡ଼ିକର ଆଭିମୁଖ୍ୟ କ୍ରମଶଃ ଇଣ୍ଡୋନେସିଆବାସୀଙ୍କ ମନକୁ ମଧ୍ୟ କଳୁଷିତ କଲାଣି । ପ୍ରାୟ ୧୨ ବର୍ଷ ତଳେ ବିବିସି ପକ୍ଷରୁ ଇଣ୍ଡୋନେସିଆରେ ହୋଇଥିବା ଏକ ସର୍ଭେ ଅନୁଯାୟୀ, ୫୧% ଇଣ୍ଡୋନେସିଆ ନାଗରିକ ବିଶ୍ୱରେ ଭାରତର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବକୁ ସକାରାତ୍ମକ ଭାବରେ ଦେଖନ୍ତି । ତେବେ ୨୧% ମଧ୍ୟ ଭାରତର ପ୍ରଭାବକୁ ନକାରାତ୍ମକ ଭାବରେ ଦେଖନ୍ତି । ଉଭୟ ଦେଶର ଧାର୍ମିକ ସଂଖ୍ୟାଗରିଷ୍ଠମାନେ ସଂଖ୍ୟାଲଘୁଙ୍କ ପ୍ରତି ସହନଶୀଳତା ଅବଲମ୍ବନ କରୁଥିଲେ । ଆର୍ଥିକ ସଶକ୍ତ ନାଗରିକମାନେ ଦୁଇ ଦେଶର ବିଶାଳ ଜନସଂଖ୍ୟାର ସମାନ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ଥିଲେ । ନିକଟ ଅତୀତରେ ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ପାଶ୍ଚାତ୍ୟ ପ୍ରତିବନ୍ଧକ, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଆମେରିକା-ଚୀନ୍ ପ୍ରତିଦ୍ୱନ୍ଦ୍ୱିତା ଏବଂ ଚୀନର ଆକ୍ରମଣ, ଖାଦ୍ୟ, ସାର ଓ ଇନ୍ଧନ ନିରାପତ୍ତାକୁ ନେଇ ଉଦବେଗ ଏବଂ ଦୁର୍ବଳ ବହୁପାକ୍ଷିକ ବ୍ୟବସ୍ଥା ଭାରତ-ଇଣ୍ଡୋନେସିଆ ସମ୍ପର୍କକୁ ଅଧିକ ମଜବୁତ କରିଛି । ଇଣ୍ଡୋନେସିଆ ବ୍ରିକ୍ସରେ ସାମିଲ ହୋଇଥିବାରୁ ୨୦୨୨ରେ ବାଲି ଏବଂ ୨୦୨୩ରେ ଦିଲ୍ଲୀରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ସହମତି ସୃଷ୍ଟି ନିମନ୍ତେ ସେମାନଙ୍କ ପ୍ରୟାସ ଉପଯୋଗୀ ସାବ୍ୟସ୍ତ ହୋଇଥିଲା । ସେହି ଦୃଷ୍ଟିରୁ ଗତ ସାଧାରଣତନ୍ତ୍ର ଦିବସରେ ମଧ୍ୟ ମୁଖ୍ୟ ଅତିଥି ଭାବରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଇଣ୍ଡୋନେସିଆ ରାଷ୍ଟ୍ରପତି ଶ୍ରୀ ସୁବିଆଣ୍ଟୋଙ୍କ ଗସ୍ତ ଥିଲା ଅତୀତର ବାନ୍ଦୁଙ୍ଗଠାରୁ ଆରମ୍ଭ କରି ବର୍ତ୍ତମାନର ବ୍ରିକ୍ସ ପର୍ଯ୍ୟନ୍ତ ସମ୍ପର୍କର ଏକ ଅଲିଭା ସ୍ୱାକ୍ଷର । ନିକଟରେ ଦୁଇ ଦେଶ ମଧ୍ୟରେ ଉତ୍ତମ ସମ୍ପର୍କର ଐତିହାସିକ, ରଣନୈତିକ ଓ ଭୂ-ରାଜନୈତିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ, ପାରମ୍ପରିକ ଔଷଧ, ସାମୁଦ୍ରିକ ସୁରକ୍ଷା, ଡିଜିଟାଲ ବିକାଶ ଏବଂ ସାଂସ୍କୃତିକ ସହଯୋଗ କ୍ଷେତ୍ରରେ ପାଞ୍ଚଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଖାଲି ସେତିକି ନୁହେଁ, ଦୁଇ ଦେଶ ପକ୍ଷରୁ ମିଳିତ ବିବୃତିରେ ପରସ୍ପର ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ସୁଦୃଢ଼ କରିବା ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇ ଥିଲା । ଅବଶ୍ୟ ଏଥିରୁ ଭାରତର ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ବିକ୍ରୟ ପ୍ରସଙ୍ଗକୁ ଦୂରେଇ ରଖାଯାଇଛି । ତଥାପି କହିବାକୁ ଗଲେ, ବର୍ତ୍ତମାନ ଏହି ଦୁଇ ଏସୀୟ ଶକ୍ତି ସେମାନଙ୍କ ସମ୍ପର୍କର ପରବର୍ତ୍ତୀ ଅଧ୍ୟାୟ ଲେଖିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ଫେବୃୟାରୀ ୨୦୨୫ ସୋମବାର





# ଖଣି ଘେରା ଅଞ୍ଚଳ ଅଧିବାସୀ ସର୍ବନିମ୍ନ ମୌଳିକ ସୁବିଧା ପାଇବାରୁ ବଞ୍ଚିତ

**କେନ୍ଦୁଝର, ନ୍ୟୁଜ୍**

ପ୍ରଶାସନିକ ନିଷ୍କ୍ରିୟତା ଓ ଖଣି ସଂସ୍ଥା ମାନଙ୍କର ବେପାରୁଆ ମନୋଭାବ ଯୋଗୁଁ ଯୋଡ଼ା ବ୍ଲକ ଅନ୍ତର୍ଗତ ବଳଦା ପଞ୍ଚାୟତର ବିପ୍ଲଟ ଗ୍ରାମର ଶତାଧିକ ଅଧିବାସୀ ବିଦ୍ୟୁତ୍, ପାନୀୟ ଜଳ, ସୁସ୍ଥ ପରିବେଶ ପାଇବାରୁ ବଞ୍ଚିତ ହୋଇ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ ହେଁ ପ୍ରଶାସନ କିମ୍ବା ନିକଟସ୍ଥ ଖଣି କର୍ତ୍ତୃପକ୍ଷ କେହି ହେଲେ ଅଧିବାସୀ ମାନଙ୍କ ଦୁର୍ଦ୍ଦଶା ପ୍ରତି ଦୃଷ୍ଟି ଦେଉନାହାଁନ୍ତି । ମିଳିଥିବା ସୂଚନାରୁ ପ୍ରକାଶ ଯେ,ଯୋଡ଼ା ବ୍ଲକ ଅନ୍ତର୍ଗତ ବଳଦା ପଞ୍ଚାୟତ ବିପ୍ଲଟ ଗ୍ରାମ ନିକଟରେ ସିରାଜୁଦ୍ଦିନ ଏଣ୍ଡ କୋ ବଳଦା ବ୍ଲକ ଆଇରନ୍ ମାଇନ୍ସ, ମିସ୍ ଇନ୍ଦ୍ରାଣୀ ପଟ୍ଟନାୟକ ଉଛବାଲି ଆଇରନ୍ ମାଇନ୍ସ, ଓଏମ୍‌ସି ଉଛବାଲି ଆଇରନ୍ ମାଇନ୍ସ ଭଳି ମାଇନ୍ସ ଗୁଡିକ ରହିଥିବାବେଳେ ନିକଟସ୍ଥ ଗ୍ରାମର ବିକାଶ ପ୍ରତି ସାମାନ୍ୟତମ ଦୃଷ୍ଟି ଦେଉନାହାନ୍ତି, ଯାହାଫଳରେ ଉକ୍ତ ମାଇନ୍ସ ଗୁଡିକ ଯୋଗୁଁ ଉକ୍ତ ବିପ୍ଲଟ ଗ୍ରାମର ପରିବେଶ ଭୟଙ୍କର ଭାବେ ପ୍ରଦୂଷିତ ହୋଇପଡିଛି । ଉକ୍ତ ଅଞ୍ଚଳର ପାରିପାର୍ଶ୍ୱିକ ବିକାଶ ପ୍ରତି ଖଣି କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଆଖିବୁଜି ଦେଇଥିବାରୁ ଉକ୍ତ ଅଞ୍ଚଳ ଆଜିର ଦିନରେ ଆଲୋକ, ସ୍ୱଚ୍ଛ ପାନୀୟ ଜଳ, ସୁସ୍ଥ ପରିବେଶରୁ ବଞ୍ଚିତ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହୋଇପଡ଼ିଥିବାର ଅଭିଯୋଗ ହୋଇଛି । ଜିଲ୍ଲା ପ୍ରଶାସନ, ଖଣି କର୍ତ୍ତୃପକ୍ଷ ଓ ବିଦ୍ୟୁତ୍ ବିଭାଗଙ୍କର ନିଷ୍କ୍ରିୟତା ଯୋଗୁଁ ଦୀର୍ଘ ୧୦/୧୧ ମାସ ହେଲା ଉକ୍ତ ବିପ୍ଲଟ ଅଞ୍ଚଳ ଅନ୍ଧକାର ମଧ୍ୟରେ ରହୁଥିବା ବେଳେ ହାତୀ ଓ ଅନ୍ୟ ହିଂସ୍ର ବନ୍ୟ ଜନ୍ତୁଙ୍କ ଆକ୍ରମଣ ଆଶଙ୍କା ସର୍ବଦା ଲାଗିରହୁଥିବା ସହିତ ଛୋଟ ଛୋଟ ସ୍କୁଲ୍ ପିଲାମାନେ ଆଲୋକ ନଥିବାରୁ ପାଠ ମଧ୍ୟ ପଢ଼ିପାରୁନାହାନ୍ତି । ଏବଂ ରାସ୍ତା ମାନଙ୍କରେ କମ୍ପାନୀ ପକ୍ଷରୁ ପାଣି ସିଞ୍ଚନ କରାଯାଉନଥିବାରୁ ରାସ୍ତା ଘାଟ ସର୍ବଦା ଧୂଳିମୟ ହୋଇ ଅଧିବାସୀ ମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଘୋର ବିପଦ ସୃଷ୍ଟି କରୁଛି । ତେଣୁ ଏସବୁ ସମସ୍ୟାର ସମାଧାନ ପାଇଁ ଉକ୍ତ ଅଞ୍ଚଳର ଶହ ଶହ ଅଧିବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି ।



# ବିନା ରସିଦରେ ଚାଲିଛି ବଟି ଆଦାୟ:ବ୍ୟବସାୟୀଙ୍କ ଅସନ୍ତୋଷ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ନାରାୟଣ ନଗରରେ ମଙ୍ଗଳବାର ଦିନ ବସେ ସାପ୍ତାହିକ ହାଟ । ଏହା ହେଉଛି ଅଞ୍ଚଳର ସର୍ବ ପୁରାତନ ହାଟ । ଏହି ହାଟରୁ ଉପଭୋକ୍ତା ମାନେ ସପ୍ତାହକ ପାଇଁ ପନିପରିବା କିଣିବା ସହିତ ଘର କରଣା ସାମଗ୍ରୀ କିଣିଥାନ୍ତି । ଏହି ହାଟ ପୂର୍ବରୁ ଖୁଣ୍ଟବନ୍ଧ ପଞ୍ଚାୟତ ଅଧୀନରେ ଥିଲା । ପନିପରିବା ବିକ୍ରି କରିବା ସହିତ ବିରାଟ ଗୋରୁ ହାଟ ବସୁଥିଲା । ତେବେ ୨୦୦୨ ମସିହାରେ ପଞ୍ଚାୟତ ପୁନର୍ଗଠନ ପରେ ନୂତନ ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ହେଲାପରେ ଏହା ସ୍ଥାନୀୟ ପଞ୍ଚାୟତ ଅଧୀନରେ ରହିଲା ଏବଂ ପଞ୍ଚାୟତ ବଟି ଆଦାୟ କରି ରସିଦ୍ ଦେଉଥିଲା । ଯେଉଁଦିନୁ ଏହା ନିଲାମ୍ ହେଲା ସେହିଦିନ ଠାରୁ ଠିକାଦାର ଅଧୀନକୁ ଗଲା । ପ୍ରଥମେ ଏହା ୫ ହଜାର ଟଙ୍କା ନିଲାମ୍ ହେଉଥିଲା । ବଢ଼ି ବଢ଼ି ଏହା ବର୍ତ୍ତମାନ ୩୦ ହଜାର ୫ ଶହରେ ପହଞ୍ଚିଲାଣି । ହେଲେ ହାଟର ଭିତ୍ତିଭୂମି ପ୍ରତି ଗୁରୁତ୍ୱ ଦେଉନଥିବା ଉପଲବ୍ଧ ହେଉଛି । ବ୍ୟବସାୟୀମାନଙ୍କ ପାଇଁ ପିଣ୍ଡି କି ସେଡ୍ ବ୍ୟବସ୍ଥା ନାହିଁ । ଟାଣ ଖରା ଓ ବର୍ଷାରେ ଭିଜି ଭିଜି ଜିନିଷ ବିକ୍ରି ବଟା



କରନ୍ତି । ତେବେ ସାପ୍ତାହିକ ହାଟରେ ଠିକାଦାର ବଟି ଅସୁଲ୍ କରୁଥିବା ବେଳେ ବିନା ରସିଦ୍‌ରେ ବଟି ଅସୁଲ୍ କରୁଥିବା ଅଭିଯୋଗ ହୋଇଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବ୍ୟବସାୟୀ ମାନେ ଦାବି କରିଛନ୍ତି ।

# ଚୌଦ୍ୱାର କଲେଜ ଅର୍ଥନୀତି ବିଭାଗର ବାର୍ଷିକ ସମ୍ମାନ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର କଲେଜ ଅର୍ଥନୀତି ବିଭାଗର ଏକ ଦିବସୀୟ ବାର୍ଷିକ ସମ୍ମାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷା ରଶ୍ମୀ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ କଲେଜ ଅର୍ଥନୀତି ବିଭାଗ ମୁଖ୍ୟ ଶାରଦା କର ଅତିଥି ଭାବେ ଯୋଗଦେଇ 'ଭାରତୀୟ ଅର୍ଥନୀତିରେ ସବୁଜ କୃଷି ଓ ପରିବେଶ ସଂରକ୍ଷଣର ଧାରା' ଶୀର୍ଷକ ବିଷୟବସ୍ତୁ ଉପରେ ବିସଦ ଆଲୋଚନା କରିଥିଲେ । ବିଭାଗୀୟ ମୁଖ୍ୟ ସ୍ୱର୍ଣ୍ଣପ୍ରଭା ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ ବିଭାଗର ଛାତ୍ରଛାତ୍ରୀ, ଆଲୁମିନି ଓ ଅଧ୍ୟାପନା ମଣ୍ଡଳୀ ଅଂଶ ଗ୍ରହଣ କରିଥିଲେ । ଅଧ୍ୟାପକ ଦୀପକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକ ସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଟାଉନ୍ ହଲ୍ ଠାରେ ଓଡ଼ିଶା ରାଜ୍ୟ ମହିଳା କମିଶନ ଓ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ମିଳିତ ଆନୁକୁଲ୍ୟରେ ବୌଦ୍ଧ ବ୍ଲକସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବାଲ୍ୟ ବିବାହ ନିରାକରଣ ପରାମର୍ଶଦାତ୍ରୀ ପ୍ରବିଜ୍ଞା ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୟକୃଷ୍ଣ ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ରୁପକ ମହାପାତ୍ର, ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳକୃଷ୍ଣ ମଲ୍ଲିକ ମଞ୍ଚାସୀନ ଥିଲେ । ଅତିଥିମାନେ ପାରିବାରିକ ତଥା ଘରୋଇ ହିଂସା ନିରାକରଣ ଆଇନ୍ ସମେତ ଅନ୍ୟାନ୍ୟ ଆଇନ୍‌ରେ ଥିବା ବିଭିନ୍ନ ନୀତିନିୟମ ଉପରେ ବକ୍ତବ୍ୟ ଦେଇଥିଲେ । ଏଥିସହିତ ମହିଳାମାନଙ୍କୁ ଆଗକୁ ଆସିବା ଓ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଉତ୍ସାହ ପ୍ରଦାନ କରିଥିଲେ । ମହିଳା ହିଂସା ବିରୋଧୀ ନିୟମ ଓ ଅଧିନିୟମ ଉପରେ ଆଲୋଚନା କରାଯାଇଥିଲା । ମହିଳା ମାନଙ୍କର ସହଭାଗିତା ଉପରେ ଆଲୋଚନାକରି ବେଟି ବଚାଓ, ବେଟି ପଢାଓ ଶପଥ ପାଠ କରାଯାଇଥିଲା । ପରେ ଅଂଶଗ୍ରହଣକାରୀ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ମହିଳା ମାନଙ୍କୁ ସାଧନ କର୍ମୀମାନେ ତାଲିମ୍ ପ୍ରଦାନ କରିଥିଲେ ।

# ୨୨ରୁ ଉର୍ଦ୍ଧ୍ୱ ଚାକିରିଆ ରାସନ କାର୍ଡ ଫେରାଇଲେଣି:ଶତାଧିକ ଚାକିରିଆ ଓ ଆୟକର ଦାତାଙ୍କ କାର୍ଡ ବାତିଲ୍

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ସମସ୍ତଙ୍କୁ ଖାଦ୍ୟ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଆଇନ୍ ପ୍ରଣୟନ କରି ଗରୀବ ଲୋକଙ୍କୁ ମାଗଣା ଚାଉଳ ଯୋଗାଇ ଦେଉଛନ୍ତି । ତେବେ ବହୁ ସଂଖ୍ୟକ ଅଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ସାମିଲ୍ ହୋଇ ଯୋଜନାର ଫାଇଦା ଉଠାଉଛନ୍ତି । ରାଜ୍ୟରେ ସରକାର ବଦଳିବା ପରେ ଏହା ଉପରେ ଗୁରୁତ୍ୱ ଦେଇ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ପାଇଁ ପ୍ରୟାସ ଆରମ୍ଭ ହୋଇଛି । ବିଶେଷ କରି ସରକାରୀ ଚାକିରିଆ ଏବଂ ଆୟକର ଦେଉଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସେମାନଙ୍କ ରାସନ୍ କାର୍ଡ ବାତିଲ୍ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ସୂଚନା ଅନୁସାରେ, କନ୍ଧମାଳ ଜିଲ୍ଲାରେ ଏବେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସମୁଦାୟ ୧, ୭୪, ୪୯୩ କାର୍ଡଧାରୀ ସାମିଲ୍ ଅଛନ୍ତି । ମୋଟ୍ ୬, ୩୬, ୨୩୮ ଜଣ ହିତାଧିକାରୀ ଏହି ଯୋଜନାର ଲାଭ ପାଉଛନ୍ତି । ସେହିଭଳି ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ୍



ଅନ୍ତର୍ଗତ ୧୮୭୫ କାର୍ଡଧାରୀ ଥିବାବେଳେ ଏଥିରେ ୬୬୨୮ ହିତାଧିକାରୀ ସାମିଲ୍ ଅଛନ୍ତି । ଜିଲ୍ଲା ଯୋଗାଣ ବିଭାଗ ଦ୍ୱାରା ଏଚ୍‌ଆର୍‌ଏମ୍‌ଏସ୍ ତଥ୍ୟ ଆଧାରରେ ଏମାନଙ୍କ ମଧ୍ୟରେ ସମୁଦାୟ ୧୭୭୭ ଚାକିରିଆ ଥିବା ଜଣାପଡ଼ିଛି । ସେହିଭଳି ହିତାଧିକାରୀଙ୍କ ମଧ୍ୟରେ ୭୬୩ ଜଣ ଆୟକରଦାତା ଥିବା ମଧ୍ୟ ଜଣାପଡ଼ିଛି । ଏମାନଙ୍କ କାର୍ଡ ବାତିଲ୍ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪୦୯ ଜଣ ଚାକିରିଆ ଓ ୪୬ ଜଣ ଆୟକରଦାତାଙ୍କ କାର୍ଡ ବାତିଲ୍ ହୋଇସାରିଛି । ଅନ୍ୟମାନଙ୍କ ପ୍ରକୃତ ସ୍ଥିତି ନେଇ ଅନୁଧ୍ୟାନ ଚାଲିଥିବା ଏବଂ ଅଯୋଗ୍ୟତା ପ୍ରମାଣିତ ହେଲେ ସେମାନଙ୍କ କାର୍ଡ ବାତିଲ୍ କରାଯିବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର । ରାଇକିଆ ବ୍ଲକ ଅଞ୍ଚଳରେ ଏହି ଯୋଜନାରେ ଅନେକ ସରକାରୀ କର୍ମଚାରୀ ସରକାରଙ୍କ ବିଭିନ୍ନ ସୁବିଧା ନେଉଛନ୍ତି । ଅପରପକ୍ଷରେ ଅନେକ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି । ଏବେ ଇ-କେୱାଇସି ଅପଡେଟ୍ ଆରମ୍ଭ ହେବାପରେ କାର୍ଡ ହାତେଇଥିବା ୨୨ରୁ ଉର୍ଦ୍ଧ୍ୱ ସରକାରୀ ଚାକିରିଆ ଇତି ମଧ୍ୟରେ କାର୍ଡ ଫେରାଇଥିବା ଜଣାପଡ଼ିଛି । ପ୍ରଥମ ପର୍ଯ୍ୟାୟରେ କେବଳ ଅଧିକ ଦରମା ପାଉଥିବା ଅଯୋଗ୍ୟ ହିତାଧିକାରୀଙ୍କ କାର୍ଡ ଫେରସ୍ତ ରଖାଯାଇଛି । ଯୋଗ୍ୟ ବ୍ୟକ୍ତିମାନେ ପରବର୍ତ୍ତୀ ସମୟରେ ସାମିଲ୍ ହୋଇପାରିବେ ବୋଲି କହିଛନ୍ତି । ଜିଲ୍ଲାର ସମସ୍ତ ଅଯୋଗ୍ୟ ହିତାଧିକାରୀଙ୍କ କାର୍ଡ ବାତିଲ୍ ହେଲେ ପ୍ରାୟ ୭ ହଜାର ହିତାଧିକାରୀ ଯୋଜନାରୁ ବାଦ୍ ପଡ଼ିବେ ବୋଲି ଅନୁମାନ କରାଯାଉଛି ।




# ଶ୍ରୀ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଭୋକିଲା ପେଟକୁ ଦାନା କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପ୍ରତ୍ୟେକ ସ୍କୁଲ୍‌ରେ ମଧ୍ୟାହ୍ନ ଭୋଜନ ଖାଇବା ପରେ ସ୍କୁଲ୍‌ର ଛାତ୍ରଛାତ୍ରୀ ମାନେ ବଳକା ଖାଦ୍ୟକୁ ଏଣେ ତେଣେ ଫିଙ୍ଗି ଦେଇଥାନ୍ତି । ଏହି ବଳକା ଖାଦ୍ୟକୁ ଏକତ୍ର କରାଇବା ଓ ପରିବେଶକୁ ସଫା ରଖିବା ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟର ନୂତନ କାର୍ଯ୍ୟକ୍ରମ ଭୋକିଲା ପେଟକୁ ଦାନା ଏହି କାର୍ଯ୍ୟକ୍ରମ କେନ୍ଦ୍ରାପଡା ଜିଲ୍ଲାର ଚକଡ଼ା ପଞ୍ଚାୟତର ମାଗୁରଗଣ୍ଡ ପାଟଣା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏକ ସିମେଣ୍ଟ କୁଣ୍ଡ ତିଆରି କରି ତା ମଧ୍ୟରେ ବଳକା ଖାଦ୍ୟ ପକାଇବାକୁ ପିଲାମାନଙ୍କୁ ଶିକ୍ଷା ଦିଆଯାଇଥିଲା । ଏହି ବଳକା ଖାଦ୍ୟକୁ ପକ୍ଷୀ, ପଶୁ, ପୋକ, ମାଛି ପରି ଅନେକ ଜୀବ ଖାଦ୍ୟ ଅଭାବରୁ ବଞ୍ଚି ପାରିବେ । ଏହାଦ୍ୱାରା କୁନି କୁନି ପିଲାମାନେ କିଛି ସଂସ୍କାର ଶିଖିବା ଶହ ପରିବେଶର ହିତ ସାଧନରେ ସହଯୋଗରେ ଆସିବେ ବୋଲି ପ୍ରଧାନ ଶିକ୍ଷକ ଭିକାରୀ ଚରଣ ଦାସ ମତ ଦେଇଛନ୍ତି । ଏହି କାର୍ଯ୍ୟକ୍ରମର ପରିକଳ୍ପନା ଶ୍ରୀ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଗଛ ସାରେ ଅନ୍ତର୍ଯ୍ୟାମୀ ସାହୁ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ତପନ କୁମାର ନାଥ, ଭାବଗ୍ରାହୀ ସାହୁ, ନିଗମ ସାହୁ, ବିକ୍ରମ ସାହୁ, ଶୈଳବାଳା ସାମଲ, ଦୁର୍ଗା ମାଧବ ସେଠୀ, ଚିତ୍ରଶିଳ୍ପୀ ଦିନେଶ କୁମାର ବାରିକ ଏବଂ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ୬ ବର୍ଷ ହେଲା ଗୋଦାମରେ ପଡ଼ିରହିଛି ୪ ଶହ କୋଟିର ରକ୍ତ ଚନ୍ଦନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ବନ ଉନ୍ନୟନ ନିଗମର ବ୍ରହ୍ମପୁର ଭଡ଼ା ଗୋଦାମରେ ପଡ଼ିରହିଛି । ୯୨୩ ଟନ୍ ରକ୍ତ ଚନ୍ଦନ । ଯାହାର ମୂଲ୍ୟ ୪ଶହ କୋଟି ଟଙ୍କା ହେବ । ସୁରକ୍ଷା ପାଇଁ ବର୍ଷକୁ ଖର୍ଚ୍ଚ ହେଉଛି ଦେଢ଼ କୋଟି ଟଙ୍କା । ଦୀର୍ଘ ୬ ବର୍ଷ ହେଲା ରକ୍ତ ଚନ୍ଦନ ଭଡ଼ା ଗୋଦାମ୍ ଘରେ ପଡ଼ି ରହିଥିବା ବେଳେ ବିକ୍ରି ହୋଇପାରୁନି । ଅନ୍ତର୍ଜାତୀୟ ବଜାରରେ ବ୍ୟବସାୟୀ ଓଡ଼ିଶାର ରକ୍ତ ଚନ୍ଦନ ନେବାକୁ ଆଗ୍ରହୀ ହେଉନାହାନ୍ତି । ଗତବର୍ଷ ଅକ୍ଟୋବର ମାସରେ ୩ଟି ପର୍ଯ୍ୟାୟରେ ଟେଣ୍ଡର ହୋଇଥିଲା । ଏଥିରେ କେହି ଭାଗ ନେଇନଥିବାବେଳେ ବିଶ୍ୱ ବଜାରରେ ବିକ୍ରି କରିବାକୁ ଓଏଫ୍‌ଡ଼ିସି ଚିଠି ନମ୍ବର ଅନୁଯାୟୀ ଜାନୁଆରୀ ୨୯ରେ ପୁଣି ଏକ ଟେଣ୍ଡର ପାଇଁ ବିଜ୍ଞପ୍ତି ପାଇଥିଲା । ଫେବୃଆରୀ ୬ ତାରିଖରେ ଏହାର ଟେଣ୍ଡର ହୋଇଛି । ଓଏଫ୍‌ଡ଼ିସି ମାର୍କେଟିଂ ମ୍ୟାନେଜର ମନୋରଞ୍ଜନ ମିଶ୍ର କହିଛନ୍ତି, ଅନ୍ତର୍ଜାତୀୟ ବଜାରର କ୍ରେତାଙ୍କ ଉପରେ ନିର୍ଭର କରିବାକୁ ପଡୁଛି । ୬ ତାରିଖ ଟେଣ୍ଡରରେ ୩ଟି ଲଟ୍ କିଣିବାକୁ ଗ୍ରାହକ ଇଚ୍ଛୁକ ଅଛନ୍ତି । ସରକାରଙ୍କ ବିଚାରାଧୀନ ରହିଛି । ଅନ୍ତର୍ଜାତୀୟ ବଜାର ମାନ୍ଦା ରହିଛି । ସରକାର ଉକ୍ତ ଚନ୍ଦନ ନିୟମିତ ବିକ୍ରି କରିବାକୁ ଯୋଜନା କରୁଛନ୍ତି । କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରଣାଳୟ ଓଡ଼ିଶା ସରକାରଙ୍କୁ ଉକ୍ତ ଚନ୍ଦନ ବିକ୍ରି କରିବାକୁ ଅନୁମତି ଦେବାପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ୮୧୦ ମେଟ୍ରିକ୍ ଟନ୍ କାଠ ବିକ୍ରି ପାଇଁ ଅନୁମତି ମିଳିଥିଲା । ବିଭିନ୍ନ କାରଣରୁ ଏହି କାଠ ବିକ୍ରି କରିବାକୁ ଟେଣ୍ଡର ହୋଇପାରିନଥିଲା । ତେବେ ୨୦୨୩ ମଇ ମାସରେ ଗ୍ଲୋବାଲ୍ ଟେଣ୍ଡର ଜରିଆରେ ଦୁଇଟି ଲଟ୍ ଅର୍ଥାତ୍ ୩୯ ଟନ୍ ରକ୍ତ ଚନ୍ଦନ ବିକ୍ରି କରାଯାଇଥିଲା । ପୁଣି ଓଡ଼ିଶା ବନ ଉନ୍ନୟନ ନିଗମ ୨୦୨୪ ଅକ୍ଟୋବର ୨୫ରେ ୭୭୧.୦୭୬୨ ଟନ୍ ରକ୍ତ ଚନ୍ଦନ ବିକ୍ରୟ କରିବାକୁ ଟେଣ୍ଡର ଆହ୍ୱାନ କରିଥିଲା । ୨୦୨୪ରେ ପ୍ରଥମେ ଅକ୍ଟୋବର ୩୦ରେ ଏବଂ ନଭେମ୍ବର ୧୩ ଓ ୨୭ ରେ ତିନୋଟି ପର୍ଯ୍ୟାୟରେ ଟେଣ୍ଡର ହୋଇଥିଲା । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଟେଣ୍ଡରରେ କେହି ଭାଗ ନେଇନଥିବା ବେଳେ ୩ୟ ପର୍ଯ୍ୟାୟରେ ଟେଣ୍ଡର ପକାଇଥିଲେ । କିନ୍ତୁ ଟେଣ୍ଡର ଖୋଲିବାକୁ ଆସିନଥିଲେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଏହି ଟେଣ୍ଡର ଫେଲ୍ ହେବାପରେ ପୁଣି ଏକ ଟେଣ୍ଡର କରାଯାଇଛି । ୨୦୧୮ ତିତ୍‌ଲି ବାତ୍ୟା ସମୟରେ ଗଜପତି ଜିଲ୍ଲାରେ ଚନ୍ଦନ ଗଛ ଭାଙ୍ଗି ଯାଇଥିଲା । ବନ ବିଭାଗ ଓ ବନ ଉନ୍ନୟନ ନିଗମ ମିଳିତ ଭାବେ ଏହି କାଠକୁ ଆଣି ବ୍ରହ୍ମପୁର ଗୋଦାମ୍‌ରେ ରଖିଛନ୍ତି । ଏକ ଆଜ୍‌ବେଷ୍ଟସ୍ ଗୋଦାମ ଭିତରେ ଚନ୍ଦନ କାଠ ରଖାଯାଇଥିବା ବେଳେ ଏଠାରେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି । ଓଏଫ୍‌ଡ଼ିସି ଏହାର ମୂଲ୍ୟ ପ୍ରାୟ ୪ଶହ କୋଟି ଟଙ୍କା ଆକଳନ କରିବା ସହ ପ୍ରାୟ ୭୦ ଲକ୍ଷ ଟଙ୍କା ବୀମା ମଧ୍ୟ ଦେଉଛି । ଏଥିସହ ସୁରକ୍ଷା ବାବଦରେ ବର୍ଷକୁ ପ୍ରାୟ ୮୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ଏହି କାଠ ବିକ୍ରି କରିବାକୁ ରାଜ୍ୟ ବନ ଉନ୍ନୟନ ବିଭାଗ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିଥିଲେ । କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରଣାଳୟ ଏହି କାଠ ବିକ୍ରି ପାଇଁ ୨୦୧୧ ଅକ୍ଟୋବର ମାସରେ ଟେଣ୍ଡର ପାଇଁ ଓଡ଼ିଶା ସରକାରଙ୍କୁ ଅନୁମତି ପ୍ରଦାନ କରିଥିଲେ । କିନ୍ତୁ କରୋନା ସଂକ୍ରମଣ ଯୋଗୁଁ ଟେଣ୍ଡର ପ୍ରକ୍ରିୟା ହୋଇପାରିନଥିଲା । ରକ୍ତ ଚନ୍ଦନ କାଠର ବିଶେଷଜ୍ଞମାନେ ଚାଇନାରୁ ଆସିଥିଲେ । ସେମାନେ ବ୍ରହ୍ମପୁରରେ ଥିବା ଏହି କାଠକୁ ପସନ୍ଦ କରିଥିଲେ । ଅନ୍ତର୍ଜାତୀୟ ବଜାରରେ ରକ୍ତ ଚନ୍ଦନର ଭଲ ଚାହିଦା ରହିଛି । ଗୋଟିଏ ମେଟ୍ରିକ୍ ଟନ୍ ୫୦ ଲକ୍ଷରୁ କୋଟିଏ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି । ବିଶେଷ ଭାବେ ଚାଇନା, ଜାପାନ୍ ଓ କୋରିଆ ବ୍ୟବସାୟୀ ରକ୍ତ ଚନ୍ଦନ କାଠ କିଣି ନେଇଥାନ୍ତି । ରକ୍ତ ଚନ୍ଦନ କାଠରେ ଔଷଧ ପ୍ରସ୍ତୁତ ହେବା ସହ କସ୍‌ମେଟିକ୍, ଦାମୀ ଘରକରଣା ଓ ବାଦ୍ୟ ଯନ୍ତ୍ର ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ସେପଟେ ଆନ୍ଧ୍ରରେ ରକ୍ତ ଚନ୍ଦନ ଚାଷ କରାଯାଉଛି ଏବଂ ସେଠାରୁ ଅନ୍ତର୍ଜାତୀୟ ବଜାରରୁ ବ୍ୟବସାୟୀମାନେ କୋଟି କୋଟି ଟଙ୍କାରେ ରକ୍ତ ଚନ୍ଦନ କିଣୁଥିବା ଜଣାପଡ଼ିଛି ।

# ଡି.ଆଇ.ଇ.ଟି.ରେ ନବମ କ୍ଲଷ୍ଟର ସ୍ତରୀୟ ଅଭିମୁଖୀକରଣ ବୈଠକ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଞ୍ଜାମ, ଖଲ୍ଲିକୋଟ ପକ୍ଷରୁ ପ୍ରତିମାସ ଭଳି ଚଳିତ ମାସ ମଧ୍ୟ ନବମ ଅଭିମୁଖୀକରଣ ବୈଠକ ସମ୍ମିଳନୀ କକ୍ଷରେ ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସର୍ବପ୍ରଥମେ ପ୍ରତିଷ୍ଠାନର ଅଧକ୍ଷ ଡକ୍ଟର ସନ୍ତୋଷ କୁମାର ପରିଡ଼ା ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ । ବେଗୁନିଆ ପଡ଼ା ବ୍ଲକରେ କାର୍ଯ୍ୟରତ ସିଆର୍‌ସିସି ଅଜିତ କୁମାର ମିଶ୍ର ଦୀପ ମନ୍ତ୍ର, ଶ୍ଳୋକ ଗାନ କରିଥିଲେ । ପ୍ରତିଷ୍ଠାନର ଅଧକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡ଼ା ବୈଠକରେ ଯୋଗଦାନ କରି ଗଞ୍ଜାମ ଜିଲ୍ଲାରେ ଶୈକ୍ଷିକ ପରିବର୍ତ୍ତନ କ୍ଷେତ୍ରରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଭୂମିକା, ୨୦୨୪-୨୫ ଶିକ୍ଷା ବର୍ଷର ସମୀକ୍ଷା, ଭୌତିକ, ଶୈକ୍ଷିକ ଦିଗକୁ କିଭଳି ରେକର୍ଡଭୁକ୍ତ କରିହେବ, ଏଫ୍.ଏଲ୍.ଏନ୍.ର ଅଗ୍ରଗତି, ଏ.ଆଇ.ପି. ଆଦି ବହୁବିଧ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଆଗାମୀ ଫେବୃୟାରୀ ୨୮ ତାରିଖରେ ହେବାକୁ ଥିବା ଜାତୀୟ ବିଜ୍ଞାନ ଦିବସ ପ୍ରତି କ୍ଲଷ୍ଟର ଅଧୀନସ୍ଥ ବିଦ୍ୟାଳୟ ଗୁଡିକରେ ପାଳନ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ବୈଠକର ଆୟୋଜନ, ଏମ୍.ସି.ଏମ୍.ର ପ୍ରୟୋଜନତା, ପ୍ରତ୍ୟାଶିତ ଫଳାଫଳ ବିଷୟରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବିଦ୍ୟାଳୟରରେ ଏଫ୍.ଏଲ୍.ଏନ୍. କର୍ଣ୍ଣର, ଶ୍ରେଣୀ କକ୍ଷରେ ଛାତ୍ର ଛାତ୍ରୀମାନେ କିପରି ମୁଖ୍ୟ ସ୍ରୋତରେ ସାମିଲ୍ ହେବେ ସେ ସମ୍ବନ୍ଧରେ ବହୁ ଉପାଦେୟ ତଥ୍ୟ ପ୍ରକାଶ କରିଥିଲେ । କ୍ଲଷ୍ଟର ସ୍ତରୀୟ ବୈଠକର ରିପୋର୍ଟ ଲିଖନ ଉପରେ ସବିଶେଷ ଆଲୋଚନା ହୋଇଥିଲା । ବୈଠକରେ ପ୍ରଶିକ୍ଷକ ମୁକ୍ତିକାନ୍ତ ବେହେରା, ସୁକୁଲେଇ ଟୁଡୁ, ଜିତେନ୍ଦ୍ର କୁମାର ପଣ୍ଡା, ପ୍ରଶିକ୍ଷିକା ପ୍ରଜ୍ଞା ପରମିତା, ବବିତା ସିଂ ନାୟକ, ନିବେଦିତା ପାଢ଼ୀ, ଲିପି ଶ୍ରୀ ଦେବୀ, ସରୋଜିନୀ ମିଶ୍ର, ଜୟନ୍ତୀ ବେହେରା, କଲ୍ୟାଣୀ କୁମାରୀ ଗୌଡ, ଭାବିଲିତା ନାୟକ, ଗାୟତ୍ରୀ ସ୍ୱାଇଁ, ଅନୁପମା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିଷ୍ଠାନର ବରିଷ୍ଠ ସେକ୍ସନ୍ ଅଧିକାରୀ ପ୍ରବେଶ କୁମାର ପଟ୍ଟନାୟକ, କନିଷ୍ଠ କିରାଣୀ ଆଶିଷ ରଞ୍ଜନ ସେଠୀଙ୍କ ସମେତ ଅନ୍ୟାନ୍ୟ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

## ||||||||||||||||||| 'ନବକାକଳି'ର ୩୦ ତମ ବାର୍ଷିକୋତ୍ସବ |||||||||||||||||||

# ସାହିତ୍ୟ ସମାଜକୁ ସଚେତନ କରେ, କବି ଜଣ ନୁହେଁ ଗଣର କଥା କହେ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଆଧ୍ୟାତ୍ମିକ ସାହିତ୍ୟ ସଂସ୍କୃତି ପତ୍ରିକା ନବକାକଳିର ୩୦ ତମ ବାର୍ଷିକ ଉତ୍ସବ ଅନନ୍ତ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନ ଆନ୍ତଃରାଜ୍ୟ କବି ସମ୍ମିଳନୀ ଆଦିକବି ସାରଳାଦାସ ମଞ୍ଚକୁ ଶିକ୍ଷାବିତ୍ କାହ୍ନୁଚରଣ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ରମେଶ ଚନ୍ଦ୍ର ପଣ୍ଡା ଭକ୍ତି ସଂଗୀତ ପରିବେଷଣ କରିଥିଲେ । ପତ୍ରିକାର ସମ୍ପାଦକ ଡ଼. ସୁରେନ୍ଦ୍ର ନାଥ ତ୍ରିପାଠୀ ସମ୍ପାଦକୀୟ ବିବରଣୀ ସହ ଅତିଥି ପରିଚୟ ଦେଇଥିଲେ । ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି, ମୁଖ୍ୟବକ୍ତା ଭାବେ ଗୋଲୋକ ବିହାରୀ ପଲାଇ, ବରଣ୍ୟ ଅତିଥି ଭାବେ ଡ଼. ଅଶୋକ କୁମାର ପଣ୍ଡା, ପଣ୍ଡିତ ଡ଼. ସିଧେଶ୍ୱର ପଣ୍ଡା, ମଠାଧୀଶ ତ୍ରିଲୋଚନ ଦାସ ପ୍ରମୁଖ କବିଙ୍କ ପଟାନ୍ତର ନାହିଁ ବୋଲି କହିଥିଲେ । ଏହି ସମ୍ମିଳନୀରେ ୧୨୦ ଜଣ କବି ସ୍ୱରଚିତ କବିତା



ପାଠ କରିଥିଲେ । ଡ଼. ଆରତୀ ତ୍ରିପାଠୀ, ସୀତାଂଶୁ ଜେନା, କଳ୍ପନା ବିଶ୍ୱାଳ ପ୍ରମୁଖ ସଂଯୋଜନା କରିଥିଲେ । ମାତୃପ୍ରସାଦ ଶତ୍ରୁଜିତ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ କେଳି - କାଞ୍ଚନ - ରତ୍ନାକର ପାଠାଗାରର ସୁବର୍ଣ୍ଣ ଜୟନ୍ତୀ ସମାରୋହ ତଥା କବି ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ୬୬ ତମ ଜନ୍ମ ଦିନ ଅବସରରେ ଅଭିନନ୍ଦନିକା କମିଟି ବଣମଲ୍ଲୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ସଭା ଦାଶରଥି ପଟ୍ଟନାୟକ ମଞ୍ଚକୁ ଇଂ ଅଭୟ ସୁତାର ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଡ଼. ବୈଜୟନ୍ତୀମାଳା ଶତପଥୀ, ମୁଖ୍ୟବକ୍ତା ଭାବେ ଡ଼. ବିଷ୍ଣୁ ପ୍ରିୟା ଦାସ, ବରେଣ୍ୟ ଅତିଥି ଭାବେ ଗୀତିକବି ଉମାକାନ୍ତ ନାୟକ ବ୍ରଜକିଶୋର ଦାସ, ଅଧ୍ୟକ୍ଷ ଡ଼. ଭାଗବତ ଲେଙ୍କାଙ୍କ ପୌରୋହିତ୍ୟରେ ଡ଼. ତ୍ରିପାଠୀଙ୍କୁ ଅଭିନନ୍ଦନ ଜଣାଇ ପାଠାଗାରକୁ ୫୦ ବର୍ଷ ତଳେ ୫ ଖଣ୍ଡ ବହିରୁ ଆରମ୍ଭ କରି ଆଜି ୧୫ ହଜାର ବହିରୁ ଅଧିକ ରଖି ଗ୍ରାମାଞ୍ଚଳରେ ପୁସ୍ତକର ପ୍ରଚାର ପ୍ରସାର କରିଆସୁଥିବା ପ୍ରକାଶ କରିଥିଲେ । ୩ୟ ଅଧିବେଶନ ସାହିତ୍ୟ ସଭା ଜାତୀୟ କବି ବୀରକିଶୋର ମଞ୍ଚକୁ ଉଦ୍‌ଘାଟକ ଭାବରେ ଡ଼. ସଂଗ୍ରାମ କେଶରୀ ସାମନ୍ତରାୟ, ମୁଖ୍ୟ ଅତିଥି ଭାବେ ସାରଳା ସାହିତ୍ୟ ସଂସଦ ସଭାପତି ଇଂ. ଡକ୍ଟର ପ୍ରଭାକର ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ଦଶରଥୀ ଶତପଥି, ବିଶିଷ୍ଟ ଅତିଥି ଦେବେନ୍ଦ୍ର ନାଥ ରାଉତ, ବ୍ରହ୍ମାନନ୍ଦ ବିଶ୍ୱାଳ, ରାଜୀବ ଷଡଙ୍ଗୀ, ଜ୍ୟୋତିର୍ବିଦ୍ ମିଳନ୍ ବାନାର୍ଜୀ ପ୍ରମୁଖ ଯୋଗଦେଇ ସାହିତ୍ୟ ସମାଜକୁ ସଚେତନ କରେ ଓ କବି ଜଣ ନୁହେଁ ଗଣର କଥା କୁହେ ବୋଲି ପ୍ରକାଶ କରିଥିଲେ । ଅତିଥି ପରିଚୟ କବି ପିତାମ୍ବର ମହାପାତ୍ର ଦେଇଥିବା ବେଳେ ନବକାକଳିର ସୌଜନ୍ୟ ସମ୍ପାଦକ ନଗେନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ନବ କାକଳି ସମ୍ମାନରେ ଗାଳ୍ପିକ ଚୌଧୁରୀ ବରଦା ପ୍ରସନ୍ନ ଦାସ, ପଣ୍ଡିତ ଅଭୟ କୁମାର ଦାଶ, ଡ଼. ଭାଗବତ ଲେଙ୍କା, ଛବିରାଣୀ ପତି, ଅମୂଲ୍ୟ କୁମାର ମିଶ୍ର, ଡ଼. ଅନ୍ନଦା ତ୍ରିପାଠୀ, ରୁଦ୍ର ନାରାୟଣ ସ୍ୱାଇଁଙ୍କ ବହୁ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ କବି କବୟିତ୍ରୀ ମାନଙ୍କର ପତ୍ରିକା ଉନ୍ମୋଚନ କରାଯାଇଥିଲା । କବିତା ପାଠରେ ପ୍ରଥମ ସ୍ନିଗ୍ଧା ସ୍ୱୟଂପ୍ରଭା ଦାଶ, ଦ୍ୱିତୀୟରେ ସବ୍ୟସାଚୀ ତ୍ରିପାଠୀ, ତୃତୀୟରେ ନିର୍ମଳା କୁମାରୀ ସାହୁଙ୍କୁ ହେଇ କାନ୍ତି ବାନାର୍ଜୀ ସ୍ମୃତି ସମ୍ମାନରେ ମାନପତ୍ର, ଟ୍ରଫି ଓ ନଗଦ ଅର୍ଥ ରାଶି ଦ୍ୱାରା ପୁରସ୍କୃତ କରାଯାଇଥିଲା ।

# ଯୁବକଙ୍କ ଜୀବନ ବଞ୍ଚାଇଲେ ସିଦ୍ଧେଶ୍ୱରୀ



**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ ବ୍ଲକ ବଥର୍ଲା ଗ୍ରାମର ପୂର୍ବତନ ମନ୍ତ୍ରୀ ଅଇଁଠୁ ସାହୁଙ୍କ ପୁତୁରା ଚନ୍ଦ୍ରଗୁପ୍ତ ସାହୁ ବଲାଙ୍ଗିରରେ ଏକ ଘରୋଇ ହସ୍‌ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି । ତାଙ୍କୁ ଅସ୍ତ୍ରୋପଚାର ପାଇଁ ଜରୁରୀ କାଳିନ ରକ୍ତ ଯୋଗାଡ କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ । ରାତି ୯ଟାରେ ରକ୍ତ ଯୋଗାଡ କରିବାରେ ତାଙ୍କ ପକ୍ଷରେ ସମ୍ଭବ ନହେବାରୁ ସେମାନେ ବଲାଙ୍ଗିର ଜିଲ୍ଲା ଯୁବ କୁଳୁତା ସମାଜକୁ ରକ୍ତ ପାଇଁ ସହଯୋଗ ମାଗିଥିଲେ । ବଲାଙ୍ଗିର ଜିଲ୍ଲା ଯୁବ କୁଳୁତା ସମାଜ ସଭାପତି ଅସୀମ କୁମାର ଭୋଇଙ୍କ ସହଯୋଗ କ୍ରମେ ସିଦ୍ଧେଶ୍ୱରୀ ପ୍ରଧାନ ଆସି ରକ୍ତଦାନ କରିଥିଲେ । ଏ ଅବସରରେ ରକ୍ତଦାତା ସିଦ୍ଧେଶ୍ୱରୀଙ୍କୁ ଯୁବ ସଂଗଠନ ତରଫରୁ ଫୁଲ ଗଛ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ରକ୍ତଦାନ ସମୟରେ ବ୍ଲଡ ବ୍ୟାଙ୍କ ଇନ୍‌ଚାର୍ଜ ନରେଶ ମିଶ୍ର, ଷ୍ଟାଫ୍ ଜ୍ୟୋତିର୍ମୟୀ ନାୟକ ଉପସ୍ଥିତ ଥିଲେ । ଯୁବ କୁଳୁତା ସମାଜର ଏଭଳି ମହତ କାର୍ଯ୍ୟ ପାଇଁ ଛତିଶଗଡ ଯୁବ କୁଳୁତା ସମାଜ ସଭାପତି ଗିରିଧାରୀ ସାହୁ, ଓଡ଼ିଶା କୁଳୁତା ସମାଜ ସହ-ସଂପାଦକ କ୍ଷେତ୍ରବାସୀ ପ୍ରଧାନ, ଅତାବିରା ବ୍ଲକ ସଭାପତି ଦିବାକର ପ୍ରଧାନ, ନୂଆଁପଡା ଜିଲ୍ଲା ସଭାପତି ସରୋଜ ସାହୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ଗ୍ରାହକ ସେବା କେନ୍ଦ୍ର ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ସଦର ମହକୁମା ସୁବର୍ଣ୍ଣ ମେରୁ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲାର ସମସ୍ତ ବ୍ଲକର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ପରିଚାଳିତ ଗ୍ରାହକ ସେବା କେନ୍ଦ୍ର ପରିଚାଳକ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଅଙ୍କୁର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାହକ ସେବା କେନ୍ଦ୍ର ପରିଚାଳକ ମାନଙ୍କ ବିଭିନ୍ନ ପ୍ରକାର ହେଉଥିବା ଅସୁବିଧା, ସୁବିଧା ଉପରେ ଆଲୋଚନା କରାଯାଇଥିଲା । ବର୍ତ୍ତମାନ ସରକାରଙ୍କ



ତରଫରୁ ଆୟକର ଦାଖଲ କରୁଥିବା ଗ୍ରାହକ ସେବା କେନ୍ଦ୍ର ପରିଚାଳକଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ରାସନ କାର୍ଡ ସମର୍ପଣ କରିବାକୁ ଚିଠା ଯୋଗାଣ ସହାୟକ ମାନଙ୍କ ପାଖକୁ ଆସିଚି । ଯେହେତୁ ବ୍ୟାଙ୍କ ମାସକୁ କାଟୁଛି ଆମ ଟଙ୍କା ଫେରସ୍ତ ପାଇଁ ଆୟକର ରିଟର୍ନ ଫାଇଲ୍ କରୁଛୁ ଆମେ ବିଭିନ୍ନ କମ୍ପାନୀ ତରଫରୁ ନିୟୋଜିତ ଓ କମିଶନ ମାଧ୍ୟମରେ କାମ କରୁଛୁ ଓ ଆଶାନୁରୂପ ଆୟ ମଧ୍ୟ ହେଉନାହିଁ । ଏଣୁ ଜିଲ୍ଲାର ସମସ୍ତ ଗ୍ରାହକ ସେବା କେନ୍ଦ୍ର ପରିଚାଳକ ଏକତ୍ରୀତ ହୋଇ ରାସନ କାର୍ଡରୁ ଉଚ୍ଛେଦ ନକରିବାକୁ ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଗଲା । ଏଥିରେ ସରୋଜ ପ୍ରଧାନ, ନରେନ୍ଦ୍ର ଭୋଇ, ସଞ୍ଜୟ ସାହୁ, ପ୍ରଶାନ୍ତ ପଣ୍ଡା, ସର୍ଜନ ପୁଟେଲ, ଉତ୍ତର ମେଣ୍ଡିଲି, ଶୈଳେନ୍ଦ୍ର ପାଢ଼ୀ, କେଶବ ପୁରୋହିତ ପ୍ରମୁଖ ସହଯୋଗ କରିଥିବା ବେଳେ ବିକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଇପିଏଲ-୨୦୨୫ : ପ୍ରଥମ ମ୍ୟାଚ୍‌ରେ କୋଲକାତାକୁ ଭେଟିବ ଆରସିବି

**ମୁମ୍ବାଇ**



ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ ସିଜିନର ସମ୍ପୂର୍ଣ୍ଣ ସୂଚୀ ରବିବାର ପ୍ରକାଶ ପାଇଛି। ପ୍ରଥମ ମ୍ୟାଚ୍ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ମଧ୍ୟରେ ଇଡେନ ଗାର୍ଡେନରେ ଖେଳାଯିବ। ଆଇପିଏଲ୍ ୨୦୨୫ ସିଜିନ୍ ୨୨ ମାର୍ଚ୍ଚରେ ଆରମ୍ଭ ହେବ। ଅର୍ଥାତ୍ ଏହି ଦିନ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଯେତେବେଳେ ଫାଇନାଲ ମ୍ୟାଚ୍ ୨୫ ମଇରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ମ୍ୟାଚ୍ କୋଲକାତାର ଇଡେନ ଗାର୍ଡେନରେ ଖେଳାଯିବ। କ୍ୱାଲିଫାୟର-୨ ଏବଂ ଫାଇନାଲ ମ୍ୟାଚ୍ ମଧ୍ୟ ଏହି ଗ୍ରାଉଣ୍ଡରେ ଖେଳାଯିବ। ଅନ୍ୟପଟେ କ୍ୱାଲିଫାୟର-୧ ଏବଂ ଏଲିମିନେଟର ମ୍ୟାଚ୍ ହାଇଦ୍ରାବାଦରେ ଅନୁଷ୍ଠିତ ହେବ। ଗତ ଥର ପରି ଏହି ସିଜିନରେ ମଧ୍ୟ ୧୦ଟି ଦଳ ଆଇପିଏଲରେ ଅଂଶଗ୍ରହଣ କରିବେ।

ଆଇପିଏଲ ୨୦୨୫ ସିଜିନରେ, ୬୫ ଦିନରେ ଏହି ୧୦ଟି ଦଳ ମଧ୍ୟରେ ଫାଇନାଲ ସମେତ ମୋଟ ୭୪ଟି ମ୍ୟାଚ୍ ଖେଳାଯିବ। ଏହି ସମସ୍ତ ମ୍ୟାଚ୍ ଭାରତର ୧୩ଟି ସ୍ଥାନରେ ଅନୁଷ୍ଠିତ ହେବ। ଅପରାହ୍ନର ମ୍ୟାଚ୍‌ଗୁଡ଼ିକ ଅପରାହ୍ନ ୩.୩୦ରୁ ଖେଳାଯିବ। ଯେତେବେଳେ ସନ୍ଧ୍ୟାର ମ୍ୟାଚ୍ ଗୁଡ଼ିକ ସନ୍ଧ୍ୟା ୭.୩୦ରେ ଆରମ୍ଭ ହେବ। ଏଥର ଆଇପିଏଲ୍ ୨୦୨୫ ସିଜିନରେ ମୋଟ ୧୨ଟି ଡବଲ୍ ହେଡର ମ୍ୟାଚ୍ ଖେଳାଯିବ। ଏହି ସମସ୍ତ ଡବଲ ହେଡର କେବଳ ଶନିବାର ଏବଂ ରବିବାର ହେବ। ଆଇପିଏଲରେ ଡବଲ ହେଡର ଅର୍ଥ ଗୋଟିଏ ଦିନରେ ଦୁଇଟି ମ୍ୟାଚ୍। ଡବଲ ହେଡର ଦିନଗୁଡ଼ିକରେ, ପ୍ରଶଂସକମାନେ ଉତ୍ସାହର ଦୁଇଗୁଣ ପାଆନ୍ତି।

# ଟିମ୍ ଇଣ୍ଡିଆର ମ୍ୟାଚ୍ ପାଇଁ ଅତିରିକ୍ତ ଟିକେଟ ଯୋଗାଇବାକୁ ଘୋଷଣା କଲା ଆଇସିସି

**ନୂଆଦିଲ୍ଲୀ**




ପାକିସ୍ତାନରେ ଫେବୃୟାରୀ ୧୯ରୁ ଆରମ୍ଭ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ହାଇବ୍ରିଡ ମଡେଲରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଟିମ୍ ଇଣ୍ଡିଆ ତା'ର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ। ସମସ୍ତ ପ୍ରଶଂସକଙ୍କ ଲକ୍ଷ୍ୟ ଚାମ୍ପିଅନ୍ସ ଟ୍ରଫିରେ ଭାରତ ଏବଂ ପାକିସ୍ତାନୀ ଦଳ ମଧ୍ୟରେ ହେବାକୁ ଥିବା ମୁକାବିଲା ଉପରେ ରହିଛି। ଯେଉଁମାନେ କେବଳ ଏସିଆ କପ୍ କିମ୍ବା ଆଇସିସି ଇଭେଣ୍ଟରେ ପରସ୍ପର ସହିତ ସଂଘର୍ଷ କରନ୍ତି। ଟିମ୍ ଇଣ୍ଡିଆର ମ୍ୟାଚ୍ ପାଇଁ ଆଇସିସି ଫେବୃୟାରୀ ୩ ତାରିଖରେ ଗ୍ରୁପ୍ ମ୍ୟାଚ୍ ପାଇଁ ଟିକେଟ ବିକ୍ରି ଆରମ୍ଭ କରିଥିଲା। କିନ୍ତୁ କିଛି ସମୟ ମଧ୍ୟରେ ସମସ୍ତ ଟିକେଟ ବିକ୍ରି ହୋଇଯାଇ ଥିଲା। ଏପରି ପରିସ୍ଥିତିରେ ଏବେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଏକ ବଡ଼ ନିଷ୍ପତ୍ତି ନେଇଛି।

ଟିମ୍ ଇଣ୍ଡିଆକୁ ଗ୍ରୁପ୍ ପର୍ଯ୍ୟାୟରେ ତା'ର ସମସ୍ତ ତିନୋଟି ମ୍ୟାଚ୍ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳିବାକୁ ପଡ଼ିବ। ଏହି ସମୟ ମଧ୍ୟରେ ଭାରତ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ଦଳ ସହିତ ମଧ୍ୟ ମୁକାବିଲା କରିବ। ସେହିପରି ଯଦି ଭାରତୀୟ ଦଳ ସେମିଫାଇନାଲ ଏବଂ ଫାଇନାଲରେ ନିଜର ସ୍ଥାନ ସୁରକ୍ଷିତ କରେ, ତେବେ ଏହି ମ୍ୟାଚ୍‌ଗୁଡ଼ିକ ଦୁବାଇରେ ମଧ୍ୟ ଖେଳାଯିବ। କିନ୍ତୁ ଫେବୃୟାରୀ ଆରମ୍ଭରେ ପ୍ରଶଂସକମାନେ ଅଳ୍ପ ସମୟ ମଧ୍ୟରେ ଅନଲାଇନ୍‌ରେ ଏବଂ ସିଧାସଳଖ ଟିକେଟ ସଂଗ୍ରହ କେନ୍ଦ୍ରରୁ ସମସ୍ତ ଟିକେଟ କିଣି ନେଇଥିଲେ। ସେହିଭଳି ଅନେକ ପ୍ରଶଂସକ ଖାଲି ହାତରେ ଫେରିଯାଇଥିଲେ। ଏବେ ଆଇସିସି ଟିମ୍ ଇଣ୍ଡିଆର ମ୍ୟାଚ୍ ପାଇଁ ଅତିରିକ୍ତ ଟିକେଟ ଯୋଗାଇବାକୁ ଘୋଷଣା କରିଛି।

୧୬ ଫେବୃଆରୀ ଅପରାହ୍ନ ୧.୩୦ରୁ ପ୍ରଶଂସକମାନଙ୍କ ପାଇଁ ଅତିରିକ୍ତ ଟିକେଟ ଉପଲବ୍ଧ ହେବ। ଏହି ସମୟ ମଧ୍ୟରେ, କ୍ରିକେଟ ପ୍ରେମୀମାନେ ଟିମ୍ ଇଣ୍ଡିଆର ସମସ୍ତ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ପାଇଁ ଟିକେଟ କିଣିପାରିବେ। ସେହିପରି ମାର୍ଚ୍ଚ ୪ ତାରିଖରେ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ସେମି-ଫାଇନାଲ ୧ ପାଇଁ ସୀମିତ ଟିକେଟ ମଧ୍ୟ ଉପଲବ୍ଧ ହେବ। ଦୁବାଇ ଷ୍ଟାଡିୟମରେ ଥିବା ଟିକେଟ ସଂଗ୍ରହ କେନ୍ଦ୍ରରୁ ଅନଲାଇନ୍‌ରେ ଏବଂ ସିଧାସଳଖ ଟିକେଟ କିଣାଯାଇପାରିବ।

ଟିମ୍ ଇଣ୍ଡିଆ ଏହି ଟୁର୍ଣ୍ଣାମେଣ୍ଟରେ ୨୦ ଫେବୃୟାରୀରୁ ତା'ର ଅଭିଯାନ ଆରମ୍ଭ କରିବ। ଏହା ଗ୍ରୁପ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶ ଦଳକୁ ଭେଟିବ। ଏହା ପରେ ଟୁର୍ଣ୍ଣାମେଣ୍ଟର ସବୁଠାରୁ ବଡ଼ ମୁକାବିଲା ଅର୍ଥାତ ଭାରତ-ପାକିସ୍ତାନ ମ୍ୟାଚ୍ ଖେଳାଯିବ। ଦୁଇ ଦଳ ମଧ୍ୟରେ ଏହି ମ୍ୟାଚ ୨୩ ଫେବୃାରୀରେ ଖେଳାଯିବ। ଏହା ପରେ ଟିମ୍ ଇଣ୍ଡିଆ ମାର୍ଚ୍ଚ ୨ରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଶେଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ଖେଳିବ। ଯଦି ଟିମ ଇଣ୍ଡିଆ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରେ, ତେବେ ଏହି ମ୍ୟାଚ ୪ ମାର୍ଚ୍ଚରେ ଦୁବାଇରେ ଅନୁଷ୍ଠିତ ହେବ ଏବଂ ୯ ମାର୍ଚ୍ଚରେ ଫାଇନାଲ ମ୍ୟାଚ୍ ଖେଳାଯିବ।

# କୁନି ତୀରନ୍ଦାଜଙ୍କୁ ସମ୍ବର୍ଦ୍ଧିତ କଲେ କ୍ରୀଡ଼ା ସଂସ୍ଥା ସମ୍ପାଦକ

**କେନ୍ଦୁଝର, ନ୍ୟୁଜ୍**



କେନ୍ଦୁଝର ରବୀନ୍ଦ୍ର ବିଦ୍ୟାନିକେତନର ତୃତୀୟ ଷ୍ଟାଣ୍ଡାର୍ଡ ଛାତ୍ର ଦଶମିନ ଦେବୀ ବୀରଭଦ୍ରମଙ୍କ ସବ୍‌ଜୁନିଅର ତୀରନ୍ଦାଜ ସଫଳତା ନିମନ୍ତେ ଜିଲ୍ଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ଡଃ ଜନାର୍ଦ୍ଦନ ଦାଶ ପୁଷ୍ପଗୁଚ୍ଛ ସହ ମିଷ୍ଟାନ୍ନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ବଣିଆପାଟ ଅଞ୍ଚଳରେ ରହୁଥିବା ପିତା ବୀରଭଦ୍ରମ ମାତା ଦେବୀଶ୍ରୀଙ୍କ ପୁତ୍ର ଚାରିବର୍ଷ ବୟସରୁ ତୀରନ୍ଦାଜି ପ୍ରତି ଆଗ୍ରହ ପ୍ରକାଶ କରି ଚେନ୍ନାଇରେ ଦୁଇମାସ ତାଲିମ୍ ନେବା ପରେ କେନ୍ଦୁଝର ସ୍ପୋର୍ଟ୍ସ ହଷ୍ଟେଲର ତୀରନ୍ଦାଜ କୋଚ୍ ଜହରଲାଲ ସିଂଙ୍କ ଠାରୁ ତାଲିମ୍ ଗ୍ରହଣ କରି ବାରବାଟୀ ଷ୍ଟାଡିଅମ ଠାରେ ସବ୍‌ଜୁନିଅର ତୀରନ୍ଦାଜ ପ୍ରତିଯୋଗିତାରେ କେନ୍ଦୁଝରକୁ ପ୍ରତିନିଧିତ୍ୱ କରି ଆସନ୍ତା ମାର୍ଚ୍ଚ ୨୩ ଓ ୨୪ରେ ଓ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଠାରେ ହେବାକୁ ଥିବା ଦଶମ ଜାତୀୟ ତୀରନ୍ଦାଜ ପ୍ରତିଯୋଗିତା ସବ୍‌ଜୁନିଅର ବିଭାଗରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। କୁନି ତୀରନ୍ଦାଜ ଦଶମିନ ବିରଭଦ୍ରମଙ୍କ ଏତାଦୃଶ ସଫଳତା ଜିଲ୍ଲା କ୍ରୀଡ଼ାବିତ୍ ଓ ସାଧାରଣରେ ଉତ୍ସାହ ଉଦ୍ଦୀପନା ଭରିଦେଇଛି।

# ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ବାପୁଜୀ କ୍ଲବ ଚାମ୍ପିଅନ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**




ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଧାମନଗର ବ୍ଲକ୍ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ସ୍ଥିତ ଜଗନ୍ନାଥ ହାଇସ୍କୁଲ ଖେଳପଡ଼ିଆ ଠାରେ ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ବାପୁଜୀ କ୍ରିକେଟ୍ କ୍ଲବ ଭୁବନେଶ୍ୱର ସହିତ ଆଦର୍ଶ କ୍ଲବ ବାଲେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାପୁଜୀ ସ୍ପୋର୍ଟିଂ ଭୁବନେଶ୍ୱର ବିଜୟ ହୋଇ ଚାମ୍ପିଅନ ହୋଇଛି। ବାପୁଜୀ ସ୍ପୋର୍ଟିଂ ଟସ୍ ଜିତି ୨୫ ଓଭରରେ ୭ ଉଇକେଟ ହରାଇ ୧୯୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତ୍ୟ ରଂଜନ ସାମଲ ୧୧ ଚୌକା ଓ ୪ ଛକା ସହ ୮୩ ରନ, ରାମ ଚନ୍ଦ୍ର ବେହେରା ୨ ଛକା, ୩ ଚୌକା ସହ ୩୪ ରନ କରିଥିଲେ। ପ୍ରତିପକ୍ଷ ବୋଲର ସତ୍ୟକାମ ଭରଦ୍ୱାଜ, ୫ ଓଭରରେ ୪୧ ରନ ଦେଇ ୩ଟି, ସାର୍ଥକ ଚୌଧୁରୀ ୫ ଓଭର ୩୮ ରନ ଦେଇ ୩ ଉଇକେଟ ପାଇଥିଲେ। ଜବାବରେ ଆଦର୍ଶ କ୍ଲବ୍ ୨୧.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୩୧ ରନ ସଂଗ୍ରହ କରି ପରାଜୟ ହୋଇଥିଲା। ଦଳ ପକ୍ଷରୁ ମୁକେଶ କୁମାର ୧୦ ବଲରେ ୨୪ ରନ, ସତ୍ୟକାମ ଭରଦ୍ୱାଜ ୨୨ ବଲରେ ୨୪ ରନ କରିଥିଲେ। ପ୍ରତିପକ୍ଷ ବୋଲର ଦେବାଶିଷ ବାଗ ୫ ଓଭର ୩୧ ରନ ଦେଇ ୩ ଉଇକେଟ, କାଳିଆ ସାହୁ ୩.୧ ବଲରେ ୩୪ ରନ ଦେଇ ୩ଟି ଉଇକେଟ ପାଇଥିଲେ। ଅମ୍ପାୟାର୍ ଭାବେ ଖଗେଶ୍ୱର ମଲ୍ଲିକ ଓ ଦେବବ୍ରତ ଦାସ ଖେଳ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଯୁବସେବା ଉଚ୍ଚଶିକ୍ଷା, ସଂସ୍କୃତି ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଯାଜପୁର ଭାଜପା ନେତା ସୁରଜ ସାମଲ, ଅଭିନେତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମିଶ୍ର, ଷ୍ଟେଟ୍ ବ୍ୟାଙ୍କ ଦୋବାଲ ଶାଖାର ପରିଚାଳକ ନିଗମାନନ୍ଦ ନାୟକ, ଧାମନଗର ନଗର ପ୍ରତିନିଧି କୈଳାସ ମହାପାତ୍ର, ବିଦ୍ୟାଧର ରାଉତ, ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଟିମ୍ ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରି ପୁରସ୍କୃତ କରିଥିଲେ। ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ, ମ୍ୟାନ ଅଫ ଦି ମ୍ୟାଚ୍ ବାପୁଜୀ ସ୍ପୋର୍ଟିଂର ଦେବାଶିଷ ବାଗ୍, ମ୍ୟାନ ଅଫ ଦି ମ୍ୟାଚ୍, ବେଷ୍ଟ ବ୍ୟାଟ୍‌ସମ୍ୟାନ ମହମ୍ମଦ ନସିମ, ବେଷ୍ଟ ବୋଲର ସୁମିତ ଶର୍ମା, ବେଷ୍ଟ ଫିଲ୍‌ଡର ବିଶ୍ୱ ଭୂଷଣ ବିହାରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଅଲଣାରେ ପଞ୍ଚାୟତ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଇଶାଣେଶ୍ୱର କ୍ରିକେଟ୍ କ୍ଲବ ଚାମ୍ପିଅନ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତ ଅଲଣା ଗ୍ରାମରେ ମା' ଜାଗୁଳାଇ କ୍ରିକେଟ ପଡ଼ିଆରେ ଦ୍ୱିତୀୟ ଥର ପାଇଁ ପଞ୍ଚାୟତ ସ୍ତରୀୟ ଟେନିସ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥପୁର ନୂତନ ମଣ୍ଡଳ ସଭାପତି ଗଗନ ବିଶ୍ୱାଳ ଓ ଅଲଣା ଗ୍ରାମର ମୁଖ୍ୟ ସୌମ୍ୟକାନ୍ତ ସ୍ୱାଇଁ ଉଦ୍‌ଘାଟନ କରିଥିବା ବେଳେ ପୁରସ୍କାର ବିବରଣ ଉତ୍ସବରେ ପଞ୍ଚାୟତର ସମିତି ସଭ୍ୟ ଉମେଶ ଚନ୍ଦ୍ର ବାରିକ, ସମାଜସେବୀ ପ୍ରଦ୍ୟୁମ୍ନ ରଥ, ନରୋତ୍ତମ ପଲାଇ ଓ ବିଶ୍ୱଜିତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପଞ୍ଚାୟତର ମୋଟ ୮ ଟିମ୍ ଭାଗ ନେଇଥିବା ବେଳେ ସେଥିରୁ ବଟ ଗୋସାଇଁ କ୍ରିକେଟ ଟିମ୍ ତୁରୁଖା ଓ ଇଶାଣେଶ୍ୱର କ୍ରିକେଟ୍ ଟିମ୍ ପୋଲିଓ ମଧ୍ୟରେ ଫାଇନାଲ ଖେଳା ଯାଇଥିଲା। ଫାଇନାଲ ମ୍ୟାଚ୍‌ରେ ପୋଲିଓ ପ୍ରଥମେ ବ୍ୟାଟିଂ କରି ୧୬ ରନ୍ କରିଥିଲା। ୧୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ତୁରୁଖା ଟିମ୍‌ର ଖେଳାଳିମାନେ ପଡ଼ିଆକୁ ଓହ୍ଲାଇଥିଲେ। କିନ୍ତୁ ବିଜୟ ପାଇଁ ୧୭ ରନ କରି ପାରି ନ ଥିଲେ। ଯାହା ଫଳରେ ଇଶାଣେଶ୍ୱର କ୍ରିକେଟ୍ ଟିମ୍, ପୋଲିଓ ଚାମ୍ପିଅନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଅମ୍ପାୟାର ଭାବେ ନାରାୟଣ ପଲାଇ ଓ ବିଶ୍ୱଜିତ ଦାସ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ଭାଷ୍ୟକାର ଭାବେ ସମିର ମହାନ୍ତି ଓ ସ୍କୋରର ଭାବେ ଅଭିଜିତ କୁଅଁର ଉପସ୍ଥିତ ଥିଲେ। ଆଗାମୀ ଦିନରେ ଆଉ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ କରିବା ପାଇଁ କ୍ରୀଡ଼ା ପ୍ରେମୀମାନେ ଦାବି କରିଛନ୍ତି।

# ୪୬ତମ ବୃହତ୍ ବନ୍ଦର ଫୁଟବଲ : ପାରାଦୀପ ବନ୍ଦର ଚାମ୍ପିଅନ




**ପାରାଦୀପ, ନ୍ୟୁଜ୍‌ବ୍ୟୁରୋ**

ପାରାଦୀପ ବନ୍ଦର ପ୍ରାଧିକରଣ ଓ ଅଖିଳ ଭାରତ ବୃହତ୍ ବନ୍ଦର କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଆୟୋଜିତ ୪୬ତମ ଅଖିଳ ଭାରତ ବୃହତ୍ ବନ୍ଦର ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ପାରାଦୀପ ବନ୍ଦର ଭିଓ ଚିଦାମ୍ବରନାର ବନ୍ଦରକୁ ପେନାଲ୍ଟୀ ଶୁଟ୍‌ଆଉଟ୍ ବଳରେ ୫-୪ ଗୋଲ ବ୍ୟବଧାନରେ ପରାସ୍ତ କରି ଚାମ୍ପିଅନ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ ଗୋଲ ଦେଇ ନପାରିବାରୁ ପେନାଲ୍ଟି ସୁଟ ଆଉଟ୍ କରାଯାଇଥିଲା। ବନ୍ଦରର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ୍. ଶୋଣ୍ଡିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଧ ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା, ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଶ, ସିଏମଇ ସୁଶିଲ ନାହାକ, ସି ଆଇଏସଏଫ୍ କମାଣ୍ଡାଟ ଅକ୍ଷିତ୍ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଖେଳାଳି ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଗୋପବନ୍ଧୁ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ସର୍ବପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଲ୍ଲେଖନୀୟ ଏହିକି ଏହି ବର୍ଷ ବନ୍ଦର ସେବାରୁ ଅବସର ଗ୍ରହଣ କରୁଥିବା ବିଭିନ୍ନ ବନ୍ଦରର ଫୁଟବଲ ଖେଳାଳୀ ମାନଙ୍କୁ ପାରାଦୀପ ବନ୍ଦର ତରଫରୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ରଞ୍ଜନ ରଶ୍ମି ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଫୁଟବ୍‌ଲ କୋଚ୍ ରବି ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବିଧାୟକ କପ ଫୁଟବଲ୍ ପ୍ରତିଯୋଗିତା : ସେମିରେ ବିନିକା ଓ ଫୁଲବାଣୀ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବ୍ଲକ ଅନ୍ତର୍ଗତ ମୁଣ୍ଡାପଡ଼ା ଖେଳପଡ଼ିଆରେ ଫ୍ରେଣ୍ଡ୍‌ସ କ୍ଲବ୍ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଡ ଆନୁକୂଲ୍ୟରେ ଚାଲିଥିବା ବିଧାୟକ କପ୍ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ପ୍ରଥମ ମ୍ୟାଚ୍ ମା' ନକତାଖୁଡ଼େନ କ୍ଲବ, ବିନିକା ଓ ଭୈରବୀ କ୍ଲବ, ପୁରୁଣାକଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିନିକା ୧-୦ ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ସେମି ଫାଇନାଲକୁ ଯାଇଛି। ଦ୍ୱିତୀୟ ମ୍ୟାଚ୍ ଗୋଲ୍‌ଡେନ କ୍ଲବ୍, ଅନଗୁଳ ଓ ସ୍ପୋର୍ଟ୍ସ ହଷ୍ଟେଲ, ଫୁଲବାଣୀ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ୍ ଦେଇନପାରିବାରୁ ଟ୍ରାଇବେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ଫୁଲବାଣୀ ୬-୫ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଏହି ଖେଳରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିରୋଧୀ ଦଳ ନେତା ସଚ୍ଚିଦାନନ୍ଦ ଦଲାଲ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବୌଦ୍ଧ ଜିଲ୍ଲା ବିଜେପି ସଭାପତି ମାଗୁଣି ଗାଇଗୌରୀଆ, ସମାଜସେବୀ ଗୋବିନ୍ଦ ପାତ୍ର, ମନୋଜ କୁମାର ପ୍ରଧାନ, 'କାର୍ଡ'ର ସମ୍ପାଦକ ଧର୍ମଧର ପୋଢ଼ ଯୋଗଦେଇ ଖେଳାଳିଙ୍କ ସହିତ କରମର୍ଦ୍ଦନ କରିବା ସହ ଉତ୍ସାହିତ କରିଥିଲେ। ଖେଳକୁ ରେଫରୀ ସଲିଲ ବେହେରା, ମାନଭନ ମହାରଣା, ଅମିତ ବେହେରା ପରିଚାଳନା କରିଥିବା ବେଳେ ଅମ୍ବରିସ ପ୍ରଧାନ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଖେଳକୁ ଦେଖିବା ପାଇଁ ଆଖପାଖ ଗାଁର ସାହସ୍ରାଧିକ ଖେଳ ପ୍ରେମୀ ଉପଭୋଗ ଥିଲେ।



# ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ପ୍ରୀତପାଲଙ୍କ ଶତକ ବଳରେ ଡିଆରକେ (ବି) ବିଜୟୀ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଓ ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ ବି'ର ୧ମ ମ୍ୟାଚ୍‌ରେ ଡିଆରକେ (ବି) କ୍ଲବ ବିଜେ ଏମସିସିକୁ ୫୨ ରନରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଡିଆରକେ (ବି) ୩୫ ଓଭରରେ ୭ ଉଇକେଟ ହରାଇ ୨୦୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରୀତପାଲ ସିଂହ ଅପରାଜିତ ୧୨୯ ଓ ଅମିତାଭ ଦାସ ୨୦ ରନ କରିଥିବା ବେଳେ ବିପକ୍ଷ ଦଳର ହଂସରାଜ ସାହୁ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ବିଜେଏମସିସି କ୍ଲବ ୩୫ ଓଭରରେ ୮ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିପାରିଥିଲେ। ଦଳ ପକ୍ଷରୁ ପୁରବ ରାଜେଶ ନନ୍ଦା ୪୮ ଓ ଲୋକନାଥ ପୃଷ୍ଟି ୩୦ ରନ କରିଥିବା ବେଳେ ବିପକ୍ଷ ଦଳର ସୁବ୍ରତ କୁମାର ସିଂହ ୩ଟି ଉଇକେଟ ଅକ୍ତିଆର କରିଥିଲେ। ପ୍ରୀତପାଲ ସିଂହ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ସାନଭାଇର ଭୁଜାଲି ଚୋଟରେ ବଡ଼ ଭାଇ ଗୁରୁତର

**ମହାକାଳପଡ଼ା, ନ୍ୟୁଜ୍‌ବ୍ୟୁରୋ**

ମହାକାଳପଡ଼ା ବ୍ଲକ ସୁନୀତି ପଞ୍ଚାୟତର ସୁଗଲ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସାନଭାଇର ଭୁଜାଲି ଚୋଟରେ ବଡ଼ଭାଇ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଏହି ଗ୍ରାମର ଗଣେଶ୍ୱର ସ୍ୱାଇଁଙ୍କର ଦୁଇ ପୁଅ, ବଡ଼ ପୁଅ ଜୟନ୍ତ (୪୫) ଓ ସାନପୁଅ ଜୟଦ୍ରଥ (୩୮), ବଡ଼ ଭାଇ ଜୟନ୍ତ ଓ ସାନଭାଇ ଜୟଦ୍ରଥଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ଟଙ୍କା ଦେଣ ନେଣ ହୋଇଥିଲା। ତେବେ ସକାଳେ ଉଭୟଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସାନଭାଇ ଜୟଦ୍ରଥ ବଡ଼ଭାଇ ଜୟନ୍ତକୁ ଭୁଜାଲିରେ ଆକ୍ରମଣ କରିଥିଲା। ଫଳରେ ଜୟନ୍ତର ଛାତି ଓ ଗୋଡ଼ରେ ଗୁରୁତର କ୍ଷତ ସୃଷ୍ଟି ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗୁରୁତର ଜୟନ୍ତକୁ ଚିକିତ୍ସା ନିମନ୍ତେ ପ୍ରଥମେ ବାବର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲ୍ଲା ଡାକ୍ତର ଖାନାକୁ ନିଆଯାଇଥିଲା। ଅପର ପକ୍ଷରେ ଜୟନ୍ତର ପତ୍ନୀ ଏ ନେଇ ସ୍ଥାନୀୟ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଜୟଦ୍ରଥକୁ ଥାନାରେ ଅଟକ ରଖି ପଚରାଉଚରା କରିବା ସହ ଏକ ମାମଲା ୨୦/୨୫ ରୁଜୁ କରି ତଦନ୍ତ ଚଳାଇଛି।

# ତୃତୀୟ ଲିପୁ ମେମୋରିଆଲ ଭେଟେରାନ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ : ଏମସିଏଲ୍ ବୁର୍ଲା ବିଜୟୀ




**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁରେଶ୍ୱରୀ ଫୁଟବଲ୍ ଏକାଡେ଼ମୀ ଦ୍ୱାରା ସୋନପୁର କଲେଜ ପଡ଼ିଆରେ ଆୟୋଜିତ ଏକଦିବସୀୟ ଅଲ୍ ଓଡ଼ିଶା ତୃତୀୟ ଭେଟେରାନ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଏମ୍‌ସିଏଲ୍ ବୁର୍ଲା ବିଜୟୀ ହୋଇଛନ୍ତି। ରନର୍ସଅପ୍ ଭାବରେ ସମ୍ବଲପୁର ଦଳ ରହିଛନ୍ତି। ଏକଦିବସୀୟ ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ସୋନପୁରର ଏସ୍‌ଏନ୍‌ଏଫ୍‌ଏଓ ପିଏଫ୍‌ସି ପାଟଣାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ପରବର୍ତ୍ତୀ ମ୍ୟାଚ୍ ବୁର୍ଲା ଏମ୍‌ସିଏଫ୍‌ଓ ବଲାଙ୍ଗୀର, ବରଗଡ଼ ସମ୍ବଲପୁର, ରେଢ଼ାଖୋଲ ଓ ଆୟୋଜକ ସୁରେଶ୍ୱରୀ ଫୁଟବଲ୍ ଏକାଡେମୀ ସୋନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ ଫାଇନାଲ ମ୍ୟାଚ୍ ସମ୍ବଲପୁର ଓ ଏମସି ଏଫ୍ ବୁର୍ଲା ମଧ୍ୟରେ ହୋଇଥିବା ବେଳେ ଖେଳ ଅମିମାଂସିତ ରହି ପରେ ପେନାଲ୍‌ଟି ସୁଟ୍ ମାଧ୍ୟମରେ ବୁର୍ଲା ଏମ୍‌ସିଏଫ୍ ଦଳ ବିଜୟୀ ହୋଇ ଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ସୁରେଶ୍ୱରୀ ଫୁଟବଲ୍ ଏକାଡେମୀର ସଭାପତି ନିଶାନ୍ତ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥିଭାବେ ଯୁବନେତା ତଥା କଳା ପଥର ଏମ୍‌ପିଏସ୍ ଅରବିନ୍ଦ ବାରିକ ଓ ଅନ୍ୟତମ ଅତିଥି ଭାବରେ ପୋଲିସ୍ ଆର୍‌ଆଇ କାହ୍ନୁ ଚରଣ ମାରାଣ୍ଡି, ବିବେକାନନ୍ଦ ମହାନ୍ତି, ଶ୍ରୀବତ୍ସ ମଲ୍ଲିକ, ଦିଲ୍ଲୀପ ପାତ୍ର, କୁମୁଦ ମେହେର, ଗଣେଶ ମେହେର ପ୍ରମୁଖ ଯୋଗଦେଇ ବିଜୟୀ ଦଳଙ୍କୁ ଉତ୍ସାହିତ କରିଥିଲେ। ବେଷ୍ଟ ଗୋଲ କିପର ଓ ବେଷ୍ଟ ଡିଫେଣ୍ଡର ଓ ହିରୋ ଅଫ୍ ଦି ମ୍ୟାଚ୍‌ର ପୁରସ୍କାର ବୁର୍ଲା ଦଳକୁ ପ୍ରଦାନ କରାଯାଇଥିବା ବେଳେ ବେଷ୍ଟ ମିଡ୍ ଫିଲ୍‌ଡର ଭାବରେ ସମ୍ବଲପୁରର ଖେଳାଳିଙ୍କୁ ପ୍ରଦାନ କରିଥିଲେ। ଏହି ସମସ୍ତ ମ୍ୟାଚ୍‌କୁ ରେଫରୀ ଭାବରେ ସୁଦାମ ଜଗଦଲା, ଦୁର୍ଗାପ୍ରସାଦ ମାଝୀ, ସିଦ୍ଧାର୍ଥ ପାତ୍ର, ଜଗତ ଜଗଦଲା ପରିଚାଳନା କରିଥିବା ବେଳେ ଅଭିମନ୍ୟୁ ବର୍ଗର୍ତ୍ତି ପ୍ରତ୍ୟକ୍ଷ ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରିୟବ୍ରତ ସାହୁ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ହରିହର ପଟ୍ଟନାୟକ, ଶରତ ମହାପାତ୍ର, ସଞ୍ଜୟ ସାହୁ, ସୁବ୍ରତ ସେଠୀ, ଜ୍ୟୋତିର୍ମୟ ମିଶ୍ର, ସୁରଟିଦୀପ, ଦେବାଶିଷ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।







ଭୁବନେଶ୍ୱର : କଳିଙ୍ଗ ଷ୍ଟାଡ଼ିୟମରେ ଅନୁଷ୍ଠିତ ଏଫଆଇଏଚ୍ ହକି ପ୍ରୋ ଲିଗ୍‌ର ଦ୍ୱିତୀୟ ଦିବସର ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଠାରୁ ୩-୨ ଗୋଲ୍‌ରେ ହାରିଲା ଭାରତୀୟ ମହିଳା ଦଳ।






ଭୁବନେଶ୍ୱର : କଳିଙ୍ଗ ଷ୍ଟାଡ଼ିୟମରେ ଅନୁଷ୍ଠିତ ଏଫଆଇଏଚ୍ ହକି ପ୍ରୋ ଲିଗ୍‌ର ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ୍‌ରେ ଜର୍ମାନୀକୁ ୨-୧ ଗୋଲ୍‌ରେ ପରାସ୍ତ କଲା ସ୍ପେନ୍ ମହିଳା ଦଳ।





# ଘୋଡ଼ା ପିଠିରେ ଟଳି ପଡ଼ିଲା ବର

**ଶୟୋପୁର**

ବାହା ହେବାକୁ ଶୋଭାଯାତ୍ରାରେ ଆସି ମଣ୍ଡପରେ ପହଞ୍ଚିବା ପରେ ଘୋଡ଼ା ଉପରେ ଟଳି ପଡ଼ିଲା ବର। ଘଟଣାଟି ଘଟିଛି ମଧ୍ୟ ପ୍ରଦେଶର ଶୟୋପୁରରେ। ମୃତକଙ୍କ ନାଁ ପ୍ରଦୀପ ଜାଟ୍। ତାଙ୍କୁ ୨୭ ବର୍ଷ ହୋଇଥିଲା। ସେ କଂଗ୍ରେସର ଛାତ୍ର ଶାଖା ଏନ୍ଏସ୍ୟୁଆଇର ଶୟୋପୁର ଜିଲ୍ଲା ସଭାପତି ଥିଲେ।



ପ୍ରଦୀପ ଜାଟ ଘୋଡ଼ା ଉପରେ ବସିଥିବା ବେଳେ ଶୋଭାଯାତ୍ରା ବିବାହ ସ୍ଥଳୀରେ ପହଞ୍ଚି ସାରିଥିଲା। ତେବେ ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କ ପାଖରେ ଥିବା ଜଣେ ବ୍ୟକ୍ତି ବୋଧହୁଏ ଏହା ଜାଣି ପାରି ତାଙ୍କ ଦେହରେ ହାତ ପକାଇଥିଲେ। କିନ୍ତୁ ଦେଖୁ ଦେଖୁ ପ୍ରଦୀପ ଜାଟ୍ ଘୋଡ଼ା ଉପରେ ମୁହଁମାଡ଼ି ଶୋଇପଡ଼ିଥିଲେ।

ଉପସ୍ଥିତ ସଂପର୍କୀୟମାନେ ତାଙ୍କୁ ଉଠାଇ ଘୋଡ଼ାରେ ବସାଇବା ପାଇଁ ପ୍ରୟାସ କରିଥିଲେ। କିନ୍ତୁ ସେ ବସି ନଥିଲେ କି ଆଉ ଆଖି ଖୋଲି ନଥିଲେ। ତେଣୁ ତାଙ୍କୁ ଘୋଡ଼ା ଉପରୁ ତଳକୁ ଅଣାଯାଇଥିଲା। ଏହା ଦେଖି ବିବାହ ସ୍ଥଳୀରେ ଉପସ୍ଥିତ ଲୋକେ ସେଠାକୁ ଧାଇଁ ଆସିଥିଲେ। ପରେ ତାଙ୍କୁ ଶୟୋପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କ ମୃତ୍ୟୁ କାରଣ ଜଣାପଡ଼ିବ ବୋଲି କହିଛନ୍ତି ଡାକ୍ତର। ତେବେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ବିବାହ ସ୍ଥଳୀରେ ପହଞ୍ଚିବା ପୂର୍ବରୁ ପ୍ରଦୀପ ଜାଟ କିଛି ସମୟ ପାଇଁ ଘୋଡ଼ା ପିଠିରୁ ଓହ୍ଲାଇ ବନ୍ଧୁବାନ୍ଧବଙ୍କ ସହିତ ନାଚିଥିଲେ।

# ଆଇନ୍ ଶୃଙ୍ଖଳା ଚିନ୍ତାରେ ବ୍ରହ୍ମପୁର ସହରବାସୀ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସହରରେ ତଥା ଉପକଣ୍ଠରେ ଦିନକୁ ଦିନ ବୃଦ୍ଧି ପାଉଥିବା ଅପରାଧ ସହରବାସୀଙ୍କ ପାଇଁ ଯେତିକି ଚିନ୍ତା ବଢ଼ାଇଛି ପୋଲିସ ପାଇଁ ତାହାଠାରୁ ଅଧିକ ମୁଣ୍ଡବ୍ୟଥା ସାଜିଛି। ସହର ଓ ଆଖପାଖର ଅପରାଧିକ ପୃଷ୍ଠଭୂମିକୁ ଦୃଷ୍ଟିରେ ରଖି ବ୍ରହ୍ମପୁରକୁ ସ୍ୱତନ୍ତ୍ର ପୋଲିସ ଜିଲ୍ଲା କରାଯାଇଥିଲା। ପରବର୍ତ୍ତୀ ସମୟରେ ଅପରାଧ ନିୟନ୍ତ୍ରଣରେ ପୋଲିସ ପ୍ରଶାସନ ବହୁମାତ୍ରାରେ ସଫଳ ମଧ୍ୟ ହୋଇଥିଲା। ତେବେ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ କ୍ରମଶଃ ଅପରାଧ ପୁଣି ବଢ଼ିବାରେ ଲାଗିଲା। ବର୍ତ୍ତମାନ ପରିସ୍ଥିତିରେ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ବାହାରକୁ ଯାଉଥିବା ବେଳେ ଅପରାଧିମାନେ ପୋଲିସକୁ ଖୋଲା ଚାଲେଞ୍ଜ ଦେଇଥିବା ଭଳି ମନେ ହେଉଛି। ସହର ଓ ଉପକଣ୍ଠ ନିୟମିତ ଚୋରି, ଲୁଟ୍, ବୋମାମାଡ଼, ହତ୍ୟା ଉଦ୍ୟମ ସହିତ ସାଇବର ଠକେଇ ଭଳି ଘଟଣା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଯଦିଓ କିଛି ମାମଲାରେ ପୋଲିସକୁ ସଫଳତା ମିଳିଛି ହେଲେ ଅନେକ ଘଟଣାରେ ପୋଲିସକୁ ନିରାଶ ହେବାକୁ ପଡୁଛି। ତେବେ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ସର୍ବ ସମ୍ମୁଖରେ ସେ ଦିନ ହେଉ ଅଥବା ରାତି ଖଣ୍ଡା ଓ ବନ୍ଧୁକ ଭଳି ମାରଣାସ୍ତ୍ର ଧରି ଭୟଭୀତ କରିବା ଓ ଆକ୍ରମଣ ଘଟଣାକୁ ନେଇ ସାଧାରଣରେ ଚିନ୍ତା ବଢ଼ିଯାଇଛି। ସହରର ଏଭଳି ଅପରାଧିକ କାର୍ଯ୍ୟକଳାପକୁ ନେଇ କେବଳ ସହରବାସୀ ଚିନ୍ତିତ ଏହା ନୁହେଁ ବରଂ ପୋଲିସ ପ୍ରଶାସନର ମୁଣ୍ଡବ୍ୟଥା ମଧ୍ୟ ବେଶ ବଢ଼ିଥିବା ପରିଲକ୍ଷିତ ହୋଇଛି। ଗତ ସାଧାରଣ ନିର୍ବାଚନ ପରଠାରୁ ବିଭିନ୍ନ ଥାନା ଇଲାକାରେ ରାଜନୈତିକ ଆକ୍ରୋଶ ଜନିତ ଆକ୍ରମଣ ଘଟଣା ସଙ୍ଗଠିତ ହେଉଥିବା ବେଳେ ପୋଲିସ କାର୍ଯ୍ୟାନୁଷ୍ଠାନ ମଧ୍ୟ ଅଶାନୁରୂପ ହୋଇପାରୁନାହିଁ। ସହରରେ ପାଟ୍ରୋଲିଂ ଆଦୌ ହେଉନଥିବା ବେଳେ ଏହାର ସୁଯୋଗ ନେଇ ଅପରାଧୀ ଗୋଷ୍ଠୀ ସେମାନଙ୍କର କାର୍ଯ୍ୟକଳାପକୁ ବ୍ୟାପକ କରିଥିବା ଚର୍ଚ୍ଚା ହେଉଛି। ସେପଟେ ଯାନବାହାନ ଓ କର୍ମଚାରୀଙ୍କ ଅଭାବ ଯୋଗୁଁ ଆବଶ୍ୟକତା ଅନୁସାରେ ପାଟ୍ରୋଲିଂ ହୋଇପାରୁନଥିବା କିଛି ଅଧିକାରୀ ନିଜ ନାମକୁ ଗୋପନ ରଖି ମତ ଦେଇଛନ୍ତି। ସବୁଠାରୁ ବଡ଼କଥା ହେଲା ସହର ମଧ୍ୟରେ ଥିବା ତଥା ସବୁଠାରୁ ସମ୍ବେଦନଶୀଳ ଅଞ୍ଚଳ ଯଥା କୋର୍ଟ, ମାର୍କେଟ୍, ହସ୍‌ପିଟାଲ୍ ଓ ଶିକ୍ଷାନୁଷ୍ଠାନ ଆଦି ଅଞ୍ଚଳ ମଧ୍ୟ ଅପରାଧୀଙ୍କ କବଳରୁ ମୁକ୍ତ ହୋଇପାରିନାହିଁ। ସହରରେ କିଛି ପୁରୁଣା ବା ଭେଟେରାନ୍ ଅପରାଧୀ ପୁଣି ସକ୍ରିୟ ହୋଇଥିବା ବେଳେ ସେମାନଙ୍କ ଛତ୍ରଛାୟା ତଳେ ନୂଆ ତଥା ବାଳ ଓ ଯୁବଗୋଷ୍ଠୀ ଅପରାଧ ଜଗତରେ ପାଦ ଥାପୁଥିବା ଦେଖିବାକୁ ମିଳୁଛି। ନିକଟରେ କୋର୍ଟ ନିକଟରେ ଖଣ୍ଡା ବୁଲିବା ଘଟଣା ହେଉ ଅବା ସହର ଉପକଣ୍ଠ ଫୁଲଟା ଓ ହଳଦିଆପଦର ଠାରେ ଖଣ୍ଡାରେ ସଂଘବଦ୍ଧ ଆକ୍ରମଣ ଓ ଘନ ଘନ ବୋମାମାଡ଼ ଘଟଣା ସମସ୍ତଙ୍କ ଆଖିରୁ ନିଦ ହଜାଇ ଦେଇଛି। ସହରରେ ଛିନତାଇ ଓ ଲୁଟ୍ ଭଳି ଘଟଣା ନିୟମିତ ହୋଇସାରିଥିବା ବେଳେ ଲୁଟେରାଙ୍କ ଟାର୍ଗେଟ୍‌ରେ ମହିଳା ଓ ବରିଷ୍ଠ ନାଗରିକ। ଫଳରେ ପ୍ରାତଃ ଭ୍ରମଣ ହେଉ କି ସନ୍ଧ୍ୟା ଭ୍ରମଣ ଏପରିକି ଧାର୍ମିକ ଅନୁଷ୍ଠାନକୁ ଯିବାକୁ ମହିଳା ଓ ବରିଷ୍ଠ ନାଗରିକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଏଭଳି ସ୍ଥିତିରେ ପୋଲିସ ଜିଲ୍ଲାରେ ବୃଦ୍ଧି ପାଉଥିବା ସାଇବର ଠକେଇ ସାଙ୍ଗକୁ ନିଶା କାରବାରକୁ ରୋକିବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସଦୃଶ ଉଭା ହୋଇଛି। ପୂର୍ବରୁ ଅପରାଧ ଓ ଅପରାଧୀଙ୍କୁ ବିଲୋପ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ବହୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଯଦ୍ଦ୍ୱାରା ବହୁ ଅପରାଧି ସହରରୁ ଛତ୍ରଭଙ୍ଗ ଦେଇ ବାହାରକୁ ଚାଲି ଯାଉଥିଲେ। ବର୍ତ୍ତମାନ ପୋଲିସ କାର୍ଯ୍ୟାନୁଷ୍ଠାନରେ କୋହଳ ପରିଲକ୍ଷିତ ହେବା ଅପରାଧକୁ ସୁହାଇବା ଭଳି ମନେ ହେଉଛି। ଅପରାଧକୁ ରୋକିବା ଓ ଅପରାଧୀଙ୍କୁ ସାବାଡ଼ କରିବାକୁ ପୋଲିସ ପ୍ରଶାସନ ଆଗେଇ ଆସି ପାଟ୍ରୋଲିଂକୁ କଡ଼ାକଡ଼ି କରି ଜନସାଧାରଣଙ୍କ ଧନଜୀବନ ରକ୍ଷା ଦିଗରେ କାର୍ଯ୍ୟ କରିବାକୁ ମତ ଦେଇଛନ୍ତି କର୍ପୋରେଟର ତଥା ରାଜ୍ୟ ଆଇନ୍‌ଜୀବୀ ପରିଷଦର ସଦସ୍ୟ ସଞ୍ଜିତ୍ କୁମାର ପାଣିଗ୍ରାହୀ।

# 'ଛାତ୍ରଛାତ୍ରୀ ଉଦ୍ୟୋଗୀ ହେବାର ଲକ୍ଷ୍ୟ ରଖିବା ଉଚିତ୍'

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଜିନେସ୍ ମ୍ୟାନେଜମେଣ୍ଟ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଚାକିରି ପଛରେ ନ ଧାଇଁ ଉଦ୍ୟୋଗୀ ହେବାର ଲକ୍ଷ୍ୟ ରଖନ୍ତୁ ବୋଲି ଜଣେ ସଫଳ ଉଦ୍ୟୋଗୀ କହିଛନ୍ତି। ଯଦିଓ ବ୍ୟବସାୟରେ କ୍ଷତିର ଆଶଙ୍କା ରହିଛି ତଥାପି ବିଜିନେସ୍ ସ୍କୁଲର ଛାତ୍ରଛାତ୍ରୀମାନେ ବ୍ୟବସାୟ ପ୍ରତି ଅଧିକା ଆଗ୍ରହୀ ହେବା ଉଚିତ୍। ଭବିଷ୍ୟତ ଗଢ଼ିବା ପାଇଁ ଅନେକ ସୁଯୋଗ ଅପେକ୍ଷା କରିଛି ବୋଲି କହିଛନ୍ତି ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇ)ର ଉପସଭାପତି ମୁରଲୀ ଜାମୁଲା। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)ର ଦୁଇ ଦିନିଆ ବାର୍ଷିକ ଉତ୍ସବ 'କନ୍‌ଭର୍ଜେନ୍ସ-୨୦୨୫'ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କହିଛନ୍ତି ଶ୍ରୀ ଜାମୁଲା। ଛାତ୍ରଛାତ୍ରୀମାନେ



କେବଳ ପରୀକ୍ଷାରେ ଉତ୍ତମ ମାର୍କ ପାଇବାକୁ ଲକ୍ଷ୍ୟ ନ ରଖି ଜ୍ଞାନ ଆହରଣ କରିବା ପାଇଁ ଶିକ୍ଷା ଗ୍ରହଣ କରିବା ଉଚିତ୍। ଶିକ୍ଷା ଆମ ଭାଗ୍ୟ ନିର୍ଦ୍ଧାରଣ କରି ନଥାଏ। ବରଂ ଛାତ୍ରଛାତ୍ରୀମାନେ ଏହାକୁ ଏକ ମାଧ୍ୟମ ଭାବେ ବ୍ୟବହାର କରି ନିଜ ନିଜର ଭବିଷ୍ୟତ ନିର୍ଦ୍ଧାରଣ କରିବା ଦରକାର ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ବିଭୁତି ଭୂଷଣ ପ୍ରଧାନ, ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ଏବଂ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ମଧ୍ୟ ବକ୍ତବ୍ୟ ରଖିଥିଲେ। ପ୍ରଫେସର ପ୍ରଧାନ କହିଥିଲେ ଆଇବିସିଏସ୍‌ରୁ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀମାନେ ବିଶ୍ୱର ବିଭିନ୍ନ ସ୍ଥାନରେ ଖ୍ୟାତି ଅର୍ଜନ କରିଛନ୍ତି। ବର୍ତ୍ତମାନର ଛାତ୍ରଛାତ୍ରୀ ସେମାନଙ୍କର ଅନୁକରଣ କରିବା ଉଚିତ୍ ବୋଲି ସେ କହିଥିଲେ। ପ୍ରଫେସର ମହାନ୍ତି କହିଥିଲେ ଯେ ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ବିଚାର ଏବଂ ଚିନ୍ତାଧାରାର ଆଦାନପ୍ରଦାନ ହୋଇପାରିବ। କାର୍ଯ୍ୟକ୍ରମର ସଞ୍ଚାଳକ ଡକ୍ଟର ରାମକୃଷ୍ଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ସଞ୍ଚାଳିକା ଡକ୍ଟର ପ୍ରୀତି ୱାଇ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପି ପକ୍ଷରୁ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦୁଝର, ନ୍ୟୁଜ୍**

ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଦେଶ ମାତୃକା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ସମସ୍ତ ଶହୀଦ ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଉଦେଶ୍ୟରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦୁଝର ନଗର ମଣ୍ଡଳ ବିଜେପି ପକ୍ଷରୁ ଦୀପ ଏବଂ କେଣ୍ଡେଲ ଜଳାଯାଇଥିଲା। ଶହୀଦ ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରିଥିଲେ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ। କିଛି ସମୟ ପାଇଁ ଭାରତ ମାତା କି ଜୟ, ସହିଦ ଯବାନ ଆମର ରହେ ନାରାରେ ଗୁଞ୍ଜରିତ ହୋଇଥିଲା ଏହି ସ୍ଥାନ। ଏହି କାର୍ଯ୍ୟକ୍ରମରେ ଦଳର ନଗର ତଥା ଜିଲ୍ଲାର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# କଣାସ ଝାଡ଼ାବାନ୍ତି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ନିରବତା ଦୁର୍ଭାଗ୍ୟଜନକ : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କଣାସ ଝାଡ଼ାବାନ୍ତିରେ ଆଉ କେତେ ନିରୀହ ଜୀବନ ଗଲେ ଚେତିବେ ସରକାର। ଶୁକ୍ରବାର ପୁଣି ଏକ ଝାଡ଼ାବାନ୍ତି ଜନିତ ମୃତ୍ୟୁକୁ ମିଶାଇ ସମୁଦାୟ ୭ଟି ଜୀବନ ଚାଲିଗଲା ପରେ ମଧ୍ୟ ସରକାର ଗମ୍ଭୀରତାର ସହ ପରସ୍ଥିତିର ସାମ୍ନା କରିବାରେ ଅସମର୍ଥ ହୋଇଛନ୍ତି ବୋଲି ଏକ ପ୍ରେସ୍ ବିବୃତିରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା କହିଛନ୍ତି।

ଏପର୍ଯ୍ୟନ୍ତ କଣାସ ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରବର୍ଗଙ୍କୁ ସରକାରୀ ଅନୁକମ୍ପା ମିଳିବା ତ ଦୂରର କଥା, ହଇଜାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ସମ୍ପର୍କୀୟଙ୍କୁ ହରିଶ୍ଚନ୍ଦ୍ର ଯୋଜନାର ସହାୟତା ଅର୍ଥ ରାଶି ମଧ୍ୟ ମିଳିପାରିଲା ନାହିଁ। ରାଜଧାନୀରୁ ଅନତି ଦୂରରେ ଗତ ୧ ମାସରୁ ଉର୍ଦ୍ଧ୍ୱ ସମୟ ଧରି ୫ଟି ପଞ୍ଚାୟତରେ ଝାଡ଼ାବାନ୍ତି ବ୍ୟାପିଥିବା ବେଳେ ଏଯାବତ ଏ ବାବଦରେ ମୁଖ୍ୟମନ୍ତ୍ରୀ ପଦୁଟିଏ ବି କହିନାହାନ୍ତି।



୫୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇଥିବା ବେଳେ ସ୍ଥିତି ବିଷୟରେ ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଲୁଚାଇବାରେ ବ୍ୟସ୍ତ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା ପୁରୀ ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ପ୍ରାୟ ୮୦ ପ୍ରତିଶତ କାମ ଶେଷ ହୋଇଯାଇଥିଲେ ମଧ୍ୟ ନୂଆ ସରକାର ବାକି ଥିବା କାମକୁ ବନ୍ଦ କରିଦେଇଛନ୍ତି। ଏହି ପ୍ରକଳ୍ପ ଗୁଡ଼ିକୁ ତୁରନ୍ତ ଆରମ୍ଭ କରାଯାଇ ପୁରୀ ଜିଲ୍ଲା ତଥା ପ୍ରଭାବିତ ଅଞ୍ଚଳରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ତୁରନ୍ତ ଆରମ୍ଭ କରାଯାଉ।

ଏତତ୍ ବ୍ୟତୀତ ଶ୍ରୀ ଦାସବର୍ମା କହିଛନ୍ତି ଯେ, ଗଙ୍ଗୁଆର ପ୍ରଦୂଷିତ ଜଳ ଦୟା, ମକରା, ରାଜୁଆ, ଭାର୍ଗବୀ, ରତ୍ନଚିରା ଓ ଲୁଣା ନଦୀରେ ମିଶି ଚିଲିକା ହ୍ରଦକୁ ପ୍ରଦୂଷିତ କରୁଥିବା ବେଳେ ରାଜ୍ୟ ସରକାର ପ୍ରଦୂଷଣ ରୋକିବା ପାଇଁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରିନାହାନ୍ତି। ସରକାରୀ ସ୍ତରରେ କୁହାଯାଉଛି ଯେ ସ୍ଥିତିରେ ସୁଧାର ଆସୁଛି, କିନ୍ତୁ ଲୋକଙ୍କ ଜୀବନ ବିପନ୍ନ ଥିବାବେଳେ ସରକାର ସତ୍ୟକୁ ସାମ୍ନା କରିବା ପରିବର୍ତ୍ତେ ପଳାୟନପନ୍ଥୀ ସାଜିବା ଗ୍ରହଣୀୟ ନୁହେଁ। ତୁରନ୍ତ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ, ଜଳସମ୍ପଦ ଓ ପଞ୍ଚାୟତିରାଜ ବିଭାଗର ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଡାକି ପ୍ରଦୂଷଣ ରୋକିବା ସହିତ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ହାତକୁ ନିଅନ୍ତୁ।

# ପୋଖରୀରେ ବୁଡ଼ି ଗଲେ ଦୁଇ ଛାତ୍ର



**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ବାଖରପୁରରେ ପୋଖରୀରେ ବୁଡ଼ି ଦୁଇ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଉଛନ୍ତି ବାସୁଦେବପୁର ପୌରପାଳିକା ରାଧାବଲଭପୁର ଗ୍ରାମର କାହ୍ନୁ ବେହେରାଙ୍କ ପୁଅ ରାଜେନ୍ଦ୍ର ବେହେରା (୧୭) ଓ ଗୁଆଗାଁ ଗ୍ରାମର ସତ୍ୟବାନ ବେହେରାଙ୍କ ପୁଅ ଜ୍ୟୋର୍ତିମୟ ବେହେରା (୧୩)। ରାଜେନ୍ଦ୍ର ମନ୍ଦାରୀ କଲେଜରେ ଯୁକ୍ତ ଦୁଇରେ ପଢୁଥିଲେ। ସେହିପରି ଜ୍ୟୋର୍ତିମୟ ଅଷ୍ଟମ ଶ୍ରେଣୀର ଛାତ୍ର ଥିଲେ।

ଏହି ଦୁଇ ଜଣ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତା ବଶତଃ ବୁଡ଼ି ଯାଇଥିଲେ ବୋଲି ଜଣାପଡ଼ିଛି। ସେମାନେ ପୋଖରୀରେ ବୁଡ଼ି ଯାଉଥିବା ବେଳେ ଗାଁର କିଛି ଛୋଟ ପିଲା ଏହା ଦେଖିଥିଲେ ଓ ତୁରନ୍ତ ଗ୍ରାମବାସୀଙ୍କୁ ଖବର ଦେଇଥିଲେ।

ଗ୍ରାମବାସୀ ରାଜେନ୍ଦ୍ରଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ବାସୁଦେବପୁର ଦମକଳ ବାହିନୀ ଆସି ଜ୍ୟୋର୍ତିମୟଙ୍କୁ ପୋଖରୀରୁ ଉଦ୍ଧାର କରିଥିଲେ। ତାଙ୍କୁ ମଧ୍ୟ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମଧ୍ୟ ମୃତ ଘୋଷଣା କରିଥିଲେ।

# ମଣ୍ଡିରେ ଅନିୟମିତତା : ୨ ଅଧିକାରୀ ନିଲମ୍ବିତ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ମାଛଗାଁ ଧାନ ମଣ୍ଡିରେ ଅନିୟମିତତା ଓ କାର୍ଯ୍ୟରେ ଅବହେଳା ଅଭିଯୋଗରେ ମଣ୍ଡି ଦାୟିତ୍ୱରେ ଥିବା ଦୁଇ ଜଣ କର୍ମଚାରୀଙ୍କୁ ଜିଲ୍ଲାପାଳ ନିଲମ୍ବନ କରିଛନ୍ତି। ନିଲମ୍ବିତ ଦୁଇ କର୍ମଚାରୀ ହେଉଛନ୍ତି, ମଣ୍ଡି ନୋଡାଲ ଅଫିସର ମୋହନ କୁମାର ଜେନା ଓ ମଣ୍ଡି ପ୍ୟାକ୍ସ ଅଫିସର ଶିଶିର କୁମାର ପଣ୍ଡା।

ଏହି ଦୁଇ କର୍ମଚାରୀ ମଣ୍ଡି ପରିଚାଳନା ଦାୟିତ୍ୱରେ ଥାଇ ମଧ୍ୟ କାର୍ଯ୍ୟରେ ଅବହେଳା କରି ଆସୁଥିଲେ ବୋଲି ଅଭିଯୋଗ ହୋଇଆସୁଥିଲା। ଏହି ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଦେଖା ଦେବା ସହ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ୪ ଦିନ ତଳେ ଟୋକନକୁ ନେଇ ଗଣ୍ଡଗୋଳ ହେବା ସହ ଚାଷୀ ଓ ମଣ୍ଡି ଦାୟିତ୍ୱରେ ଥିବା କର୍ମଚାରୀ ମୁହାଁମୁହିଁ ହୋଇଥିଲେ। ଏହି ଘଟଣାର ସମୀକ୍ଷା କରି ଜଗତସିଂହପୁର ଜିଲ୍ଲାପାଳ ଏହି ଦୁଇ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ମାଛଗାଁ ଧାନ ମଣ୍ଡିରେ କାର୍ଯ୍ୟାନୁଷ୍ଠାନ ପରେ ଜିଲ୍ଲାର ଅନ୍ୟ ମଣ୍ଡି ଗୁଡ଼ିକରେ ନିୟୋଜିତ କର୍ମଚାରୀମାନେ ଭୟଭୀତ ହୋଇ ପଡ଼ିଥିବା କୁହାଯାଉଛି। ତେବେ ଅନ୍ୟ ମଣ୍ଡିରେ ଅବ୍ୟବସ୍ଥା ଥିଲେ ତାହା ସୁଧୁରିବ ନା ନାହିଁ ତାହା ଆଗାମୀ ଦିନଗୁଡ଼ିକରେ ଜଣାପଡ଼ିବ।

# ସୋଆ ଏସ୍ଏଚ୍ଏମ୍‌ରେ ଏକଦିବସୀୟ ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭିଜନ୍ ବିକଶିତ ଭାରତ-୨୦୪୭ ପରିପ୍ରେକ୍ଷୀରେ ଗ୍ରାମୀଣ ପର୍ଯ୍ୟଟନ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ନେଇ ଓଡ଼ିଶାର ହସ୍ତଶିଳ୍ପ କାରିଗରମାନଙ୍କୁ ଉଦ୍ୟୋଗୀ କରିବା ଉଦ୍ଦେଶ୍ୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍ଏଚ୍ଏମ୍)ରେ ଏକ ଦିବସୀୟ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି।

ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ସୋସିଆଲ୍ ରିସର୍ଚ୍ଚ (ଆଇସିଏସ୍ଏସ୍ଆର) ଦ୍ୱାରା ପ୍ରାୟୋଜିତ ଏବଂ ସୋଆ ଏସ୍ଏଚ୍ଏମ୍ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡକ୍ଟର) ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗ୍ରାମୀଣ ପର୍ଯ୍ୟଟନ ବିକାଶ ନିମନ୍ତେ ଓଡ଼ିଶାରେ ଥିବା ବିଭିନ୍ନ ପ୍ରକାର ହସ୍ତଶିଳ୍ପ ଓ କୁଶଳୀ କାରିଗରମାନଙ୍କର ଉନ୍ନତି ହେଲେ ଆମ ରାଜ୍ୟ ଓ ଦେଶର ଉନ୍ନତି ହୋଇପାରିବ ବୋଲି କହିଥିଲେ।

ଏହି ସେମିନାରର ଆଲୋଚ୍ୟ ପ୍ରସଙ୍ଗ ଥିଲା 'ଫୋଷ୍ଟରିଂ ରୁରାଲ ଟୁରିଜିମ୍ ଆଣ୍ଡ ଏଣ୍ଟରପ୍ରିନିଅରସିପ୍: ଟ୍ରାନ୍ସଫର୍ମିଂ ହ୍ୟାଣ୍ଡିକ୍ରାଫ୍ଟ ଆର୍ଟିସାନ୍‌ସ ଅଫ୍ ଓଡ଼ିଶା ଟୁଆର୍ଡସ ବିକଶିତ ଭାରତ ୨୦୪୭'।



ଏହି ପ୍ରସଙ୍ଗ ଉପରେ ପ୍ରସ୍ତୁତ ଏକ ଆବ୍‌ଷ୍ଟ୍ରାକ୍ଟକୁ କାର୍ଯ୍ୟକ୍ରମରେ ଉନ୍ମୋଚନ କରାଯାଇଥିଲା। ଏସ୍ଏଚ୍ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ଏହାର ମୁଖ୍ୟ ସଂପାଦକ ଥିବା ବେଳେ ଶିକ୍ଷାନୁଷ୍ଠାନର ଆସୋସିଏଟ ପ୍ରଫେସର (ଡକ୍ଟର) ପତିତପାବନ ମହାନ୍ତି, ରେଭେନ୍ସା ବିଶ୍ୱବିଦ୍ୟାଳୟର ସିନିୟର ଆସିଷ୍ଟାଣ୍ଟ ପ୍ରଫେସର (ଡକ୍ଟର) ସୌମେନ୍ଦ୍ର କୁମାର ପାତ୍ର ଓ ସେହି ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର (ଡକ୍ଟର) ଲିନା ପି. ସିଂ ସଂପାଦକ ଭାବେ କାର୍ଯ୍ୟ କରିଥିଲେ।

ଗ୍ରାମୀଣ ପର୍ଯ୍ୟଟନ କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଉଛି। ଏହି ସମସ୍ୟାଗୁଡିକ ସମାଧାନ ହେଲେ ଗ୍ରାମୀଣ ପର୍ଯ୍ୟଟନ ଓ ହସ୍ତଶିଳ୍ପର ଉନ୍ନତି ପରିଲକ୍ଷିତ ହୋଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ଅନୁଯାୟୀ ବିକଶିତ ଭାରତ ୨୦୪୭ ଆଡକୁ ଦେଶ ଅଗ୍ରସର ହେବ ବୋଲି ପ୍ରଫେସର (ଡକ୍ଟର) ସ୍ୱାଇଁ କହିଥିଲେ।

ସମ୍ମାନିତ ଅତିଥି ଭାବେ ବିଭାବରୀ ଫ୍ୟାସନ୍ସ ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶା ଉଦ୍ୟୋଗୀ ତଥା ଡିଜାଇନର ଏବଂ ଫ୍ୟାଶନ୍ ପରାମର୍ଶଦାତା ଚୌଧୁରୀ ଜ୍ୟୋତ୍ସ୍ନା ଦାସ ଯୋଗ ଦେଇ କହିଥିଲେ ଯେ ରାଜ୍ୟ, ଦେଶ ଓ ବିଦେଶରେ ହସ୍ତଶିଳ୍ପର ଚାହିଦା ବହୁତ ମାତ୍ରାରେ ଅଧିକ ରହିଛି। ଓଡ଼ିଶାର ହସ୍ତତନ୍ତ ଐତିହ୍ୟର ସ୍ୱାତନ୍ତ୍ର୍ୟ ରହିଛି।

ହସ୍ତଶିଳ୍ପକୁ ଗ୍ରାମୀଣ ପର୍ଯ୍ୟଟନ ସହିତ ଯୋଡ଼ିବା ଓ ଏହି କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ହୋଇପାରିଲେ ଅଧିକ ମାତ୍ରାରେ ଏହାର ଉନ୍ନତି ହେବ ବୋଲି ଶ୍ରୀମତି ଦାସ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଆନ୍ଧ୍ରପ୍ରଦେଶର କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ର ଡିନ୍ ଓ ଟୁରିଜିମ୍ ଆଣ୍ଡ ହସ୍ପିଟାଲିଟି ମ୍ୟାନେଜମେଣ୍ଟ ବିଭାଗର ମୁଖ୍ୟ ପ୍ରଫେସର (ଡକ୍ଟର) ଜିତେନ୍ଦ୍ର ମୋହନ ମିଶ୍ର ଯୋଗ ଦେଇ କହିଥିଲେ ଯେ ସହର ଓ ଗ୍ରାମ୍ୟ ଜୀବନଯାପନ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ବର୍ତ୍ତମାନର ସମୟ ହେଉଛି ଡିଜିଟାଲ୍ ଯୁଗ। ବର୍ତମାନ ସମସ୍ତେ ଇଣ୍ଟରନେଟ୍ ସହିତ ଓତଃପ୍ରୋତ ଭାବରେ ଜଡିତ। ଗ୍ରାମୀଣ ହସ୍ତକଳା, ସଂସ୍କୃତି ଓ ପର୍ଯ୍ୟଟନକୁ କିପରି ଗ୍ରାମାଞ୍ଚଳରେ ଓ ସହରାଞ୍ଚଳରେ ଉଦ୍ୟୋଗ କ୍ଷେତ୍ରରେ ବିକଶିତ କରିବା ସେଥିପାଇଁ ଅଧିକ ଧ୍ୟାନ ଦେବା ଜରୁରୀ ବୋଲି ସେ କହିଥିଲେ।

ଏହି ସମ୍ମିଳନୀରେ ବିଭିନ୍ନ ଟେକ୍‌ନିକାଲ୍ (ଅଫ୍ ଲାଇନ୍ ଓ ଅନ୍‌ଲାଇନ୍) ମୋଡରେ ଅଧିବେଶନ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରିସର୍ଚ୍ଚ ସ୍କଲାର, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଆଲୋଚିତ ବିଷୟବସ୍ତୁ ଉପରେ ଗବେଷଣା ପ୍ରସ୍ତୁତ ପ୍ରବନ୍ଧ ଉପସ୍ଥାପନ କରିଥିଲେ।

କାର୍ଯ୍ୟକ୍ରମରେ ଏସ୍ଏଚ୍ଏମ୍‌ର ଆସୋସିଏଟ୍ ପ୍ରଫେସର (ଡକ୍ଟର) ପତିତପାବନ ମହାନ୍ତି, ରେଭେନ୍ସା ବିଶ୍ୱବିଦ୍ୟାଳୟର ସିନିୟର୍ ଆସିଷ୍ଟାଣ୍ଟ ପ୍ରଫେସର (ଡକ୍ଟର) ସୌମେନ୍ଦ୍ର କୁମାର ପାତ୍ର ଓ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର (ଡକ୍ଟର) ଲିନା ପି. ସିଂଙ୍କୁ ସମ୍ମାନିତ କରାଯାଇଥିଲା।

ସୋଆ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍ଏଚ୍ଏମ୍)ର ଡିନ୍ ପ୍ରଫେସର ଚଇନି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରଫେସର (ଡକ୍ଟର) ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସୋଆ ଏସ୍ଏଚ୍ଏମ୍ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନୂଆଦିଲ୍ଲୀ ରେଳ...

ପ୍ରୟାଗରାଜ ଏକ୍ସପ୍ରେସ୍ ଯେତେବେଳେ ୧୪ ନମ୍ବର ପ୍ଲାଟଫର୍ମରେ ଠିଆ ହୋଇଥିଲା ସେତେବେଳେ ପ୍ଲାଟଫର୍ମରେ ପ୍ରବଳ ଭିଡ଼ଥିଲା। ସେହିପରି 'ସ୍ୱତନ୍ତ୍ରତା ସେନାନୀ ଏକ୍ସପ୍ରେସ୍' ଓ 'ରାଜଧାନୀ ଏକ୍ସପ୍ରେସ୍' ମଧ୍ୟ ବିଳମ୍ବିତ ହୋଇଥିବା ବେଳେ ୧୨, ୧୩ ଓ ୧୪ ନମ୍ବର ପ୍ଲାଟଫର୍ମରେ ଯାତ୍ରୀଙ୍କ ଭିଡ଼ ରହିଥିଲା। ଏହି ସମୟରେ ପ୍ରାୟ ୧୫୦୦ ଜେନେରାଲ ଟିକେଟ୍ ବିକ୍ରି ହୋଇ ଯାଇଥିବାରୁ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ପ୍ଲାଟଫର୍ମ ନମ୍ବର ୧୪ ଓ ୧୫ ନିକଟରେ ଥିବା ଏସ୍କାଲେଟର୍ ନିକଟରେ ଧସ୍ତାଧସ୍ତି ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ଯାତ୍ରୀମାନେ ପରସ୍ପର ଉପରେ ଚଢ଼ିଯାଇଥିଲେ। ଲୋକଙ୍କୁ ଅଟକାଇବା ବ୍ୟବସ୍ଥା ନଥିବାରୁ ପରିସ୍ଥିତି ଅତି ସାଂଘାତିକ ରୂପ ନେଲା ଏବଂ ଏଭଳି ସ୍ଥିତି ଅତି କମରେ ଏକ ଘଣ୍ଟା ପର୍ଯ୍ୟନ୍ତ ଜାରି ରହିଥିଲା। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଷ୍ଟେସନରେ ଅନିୟନ୍ତ୍ରିତ ଭିଡ଼ ରୋକିବା ପାଇଁ କୌଣସି ବ୍ୟବସ୍ଥା ନଥିଲା ଏବଂ ହଜାର ହଜାର ଟିକେଟ ବିହୀନ ଯାତ୍ରୀଙ୍କ ଉପସ୍ଥିତି କାଳ ସାଜିଲା ବୋଲି କେତେକ ଯାତ୍ରୀ କହିଛନ୍ତି। ଅନେକ ଯାତ୍ରୀ କହିଛନ୍ତି ଯେ ପ୍ଲାଟଫର୍ମରେ ଛିଡ଼ା ହୋଇଥିବା ଟ୍ରେନର କବାଟ ଭିତରୁ ବନ୍ଦ ରହିଥିଲା। କିଛି ଲୋକ ବଗିଗୁଡ଼ିକୁ କବ୍‌ଜା କରିନେଇଥିବା ବେଳେ ସ୍ଥିତି ସ୍ୱାଭାବିକ କରିବାକୁ ବ୍ୟବସ୍ଥା ନଥିବାରୁ ଲୋକେ ଉଗ୍ର ହୋଇ ଉଠିଥିଲେ।

### ବାର୍ଷିକ ୩ରୁ ୬ ଲକ୍ଷ...

ଟଙ୍କାରୁ ୧୮ ଲକ୍ଷ ଟଙ୍କା ମଧ୍ୟରେ ହେବା ଉଚିତ। ଏହା ବ୍ୟତୀତ, ଭାରତର କୌଣସି ସ୍ଥାନରେ ପରିବାରର କୌଣସି ସଦସ୍ୟଙ୍କ ନାମରେ ସ୍ଥାୟୀ ଘର ରହିବା ଉଚିତ ନୁହେଁ। ନଚେତ ଏହି ସରକାରୀ ଯୋଜନାରୁ ବଞ୍ଚିତ ହେବେ ବୋଲି ସୂଚନା ମିଳିଛି।

### ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ...

କେନ୍ଦୁଝର, ଯାଜପୁର, ଢ଼େଙ୍କାନାଳ, ଅନୁଗୁଳ, ଦେବଗଡ଼ ଏବଂ ସୁନ୍ଦରଗଡ଼। ଆଗାମୀ ତିନି ଦିନ ରାଜ୍ୟର ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହାର ପରବର୍ତ୍ତୀ ୪ ଦିନ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି।

### ମୁଖ୍ୟମନ୍ତ୍ରୀ ଆଜି ବିଧାନସଭାରେ ...

୫ ଏପ୍ରିଲ୍ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟମନ୍ତ୍ରୀ ଅର୍ଥ ବିଭାଗର ଦାୟିତ୍ୱରେ ଥିବାରୁ ସେ ସୋମବାର ଅପରାହ୍ନରେ ବଜେଟ ଆଗତ କରିବାର କାର୍ଯକ୍ରମ ରହିଛି।

### ଅର୍ଥନୈତିକ ସର୍ଭେ ରିପୋର୍ଟରେ...

ପଛରେ ନ ଧାଇଁ ବାସ୍ତବତାକୁ ଆସନ୍ତୁ, ବିରୋଧୀ ଦଳର ଭୂମିକା ନିଭାନ୍ତୁ। ଅନ୍ୟ ପଟେ କଂଗ୍ରେସ କଟାକ୍ଷ କରି କହିଛି ଯଦି ଅଭିବୃଦ୍ଧି ଶ୍ରେୟ ନେବାକୁ ପ୍ରତିଯୋଗିତା କରୁଛନ୍ତି ତା'ହେଲେ ଦରଦାମ ବୃଦ୍ଧିର ଶ୍ରେୟ ବି ନିଅନ୍ତୁ। ରାଜ୍ୟ ଅଭିବୃଦ୍ଧି ହାର ବଢ଼ି ନାହିଁ ପୂର୍ବ ବର୍ଷ ଅପେକ୍ଷା କମିଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି।

### ବ୍ୟାଙ୍କରୁ ୧୨୨ କୋଟି...

ଦେଇପାରିବ ନାହିଁ। କେବଳ ଋଣ ପରିଶୋଧ କରିପାରିବ। ଏହି ସୂଚନା ମିଳିବା ପରେ ହଜାର ହଜାର ସଂଖ୍ୟାରେ ଜମାକାରୀ ବ୍ୟାଙ୍କର ବିଭିନ୍ନ ଶାଖାରେ ଭିଡ଼ ଜମାଇଛନ୍ତି। ବ୍ୟାଙ୍କରୁ ୧୨୨ କୋଟି ଟଙ୍କା ଠକେଇ ହୋଇଥିବା ଜଣାପଡ଼ିଛି। ବ୍ୟାଙ୍କର ଜେନେରାଲ ମ୍ୟାନେଜର ହିତେଶ ମେହେଟାଙ୍କ ବିରୋଧରେ ଏତଲା ଦିଆଯାଇଛି। ମୁମ୍ବାଇ ପୁଲିସ ତାଙ୍କ ନାଁରେ ମାମଲା ରୁଜୁ କରିଛି। ବ୍ୟାଙ୍କର କାର୍ଯ୍ୟକାରୀ ସିଇଓ ଦେବର୍ଷି ଘୋଷଙ୍କ ଅଭିଯୋଗ ଉପରେ ହିତେଶଙ୍କ ନାମରେ ମାମଲା ରୁଜୁ ହୋଇଛି। ହିତେଶ ବ୍ୟାଙ୍କର ଜେନେରାଲ ମ୍ୟାନେଜର ସାଙ୍ଗକୁ ଆକାଉଣ୍ଟ ସେକ୍ସନର ମୁଖ୍ୟ ଭାବେ ମଧ କାର୍ଯ୍ୟ କରୁଥିଲେ। ସେ ନିଜ ପଦବୀର ଦୁରୁପଯୋଗ କରି ୧୨୨ କୋଟି ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଛି।

### ସ୍କୁଲ ପରୀକ୍ଷା ପ୍ରଶ୍ନପତ୍ର ବିକ୍ରି ଅଭିଯୋଗ...

ସାଇବର ପୋଲିସ ତଦନ୍ତ ଆରମ୍ଭ କରିଥିଲା ଯାହା ଅଭିଯୁକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ ଏବଂ ଗିରଫ କରିଥିଲା। ପରୀକ୍ଷା ବ୍ୟବସ୍ଥାର ବିଶ୍ୱସନୀୟତା ସୁନିଶ୍ଚିତ କରିବା ପାଇଁ ଏପରି ଭୁଲ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ଚେତାବନୀ ଦେଇଛି। ତେବେ ଏହି ମାମଲାରେ ଅଧିକ ବ୍ୟକ୍ତି ସମ୍ପୃକ୍ତ ଥିଲେ କି ନାହିଁ ଜାଣିବା ପାଇଁ ଅଧିକ ତଦନ୍ତ ଚାଲିଛି।

# ଗ୍ଲୋରୀଫେଷ୍ଟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଫଳତା

**ବାଲେଶ୍ୱର, ନ୍ୟୁଜ୍**

ପୁରୀ ସ୍ଥିତ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଠାରେ ଅନୁଷ୍ଠିତ ଜାତୀୟ ସ୍ତରର ବିଶ୍ୱବିଦ୍ୟାଳୟ / ମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ତଥା ୨୮ତମ 'ଗ୍ଲୋରୀଫେଷ୍ଟ-୨୦୨୫'ରେ ଆୟୋଜିତ ବିଭିନ୍ନ ବର୍ଗର ପ୍ରତିଯୋଗିତାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜ ପ୍ରତିଭା ପ୍ରଦର୍ଶନ କରି ପୁନଃ ସଫଳତାର କାହାଣୀ ଲେଖିଛନ୍ତି। ଚଳିତ ମାସ ୧୧ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ଜାତୀୟ ସାଂସ୍କୃତିକ ମହୋତ୍ସବରେ ଭାରତର ବିଭିନ୍ନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ଓ ମହାବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ୩୦୦ ପ୍ରତିଯୋଗୀଙ୍କ ମଧ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ୧୨ ଜଣ ଛାତ୍ରଛାତ୍ରୀ, ୧୫ଟି ବିଭାଗର ବିଭିନ୍ନ ପ୍ରତିଯୋଗିତାମାନରେ ଭାଗ ନେଇଥିଲେ। ଏଥିରେ ସ୍ପଟ୍ ଚିତ୍ରାଙ୍କନ ପ୍ରତିଯୋଗିତାରେ ଯଜ୍ଞଜିତ ପାଣି ତୃତୀୟ



ସ୍ଥାନ, ଶାସ୍ତ୍ରୀୟ ନୃତ୍ୟରେ ଅଭିଲିପ୍ସା ମହାନ୍ତି ତୃତୀୟ ସ୍ଥାନ, କମେଡ଼ି ପ୍ରତିଯୋଗିତାରେ ରଞ୍ଜିତା ବେହେରା ଦ୍ୱିତୀୟ ସ୍ଥାନ, ଏକକ ସଂଗୀତ ଗାନରେ ଲକ୍ଷ୍ମୀପ୍ରିୟା ପରିଡ଼ା ତୃତୀୟ ସ୍ଥାନ, ଏକକ ଅଭିନୟ ନାଟକରେ ରଞ୍ଜିତା ବେହେରା ତୃତୀୟ ସ୍ଥାନ ଓ ଦଳଗତ ଲୋକନୃତ୍ୟ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ଉଦ୍‌ଯାପନୀ ଉତ୍ସବରେ ସଫଳ ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ଓ ମାନପତ୍ର ସହ ସମ୍ମାନୀତ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ତଥା ଡକ୍ଟର ଅସୀମ ଅମିତାଭ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଏହି ଜାତୀୟ ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳ ହୋଇଛନ୍ତି। ଏହି ସଫଳତା ହେତୁ ଛାତ୍ରଛାତ୍ରୀଙ୍କୁ ସଂପୂର୍ଣ୍ଣ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଭିନନ୍ଦନ ଜ୍ଞାପନ ସହ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପ୍ରତିଭା ବିଗତ ବର୍ଷରେ ମଧ ଗ୍ଲୋରୀଫେଷ୍ଟରେ ସଫଳତାର ପାହାଚ ଅତିକ୍ରମ କରିଥିଲା। ଡକ୍ଟର ଅଭୟ ନାୟକଙ୍କ ପ୍ରତ୍ୟକ୍ଷ ସହଯୋଗରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବାକୁ ସକ୍ଷମ ହୋଇପାରିଛନ୍ତି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଛାତ୍ରଛାତ୍ରୀଙ୍କ ଏହି ସଫଳତା ଶ୍ରେୟ ସେମାନଙ୍କର ନିଜ ଉପରେ ଦୃଢ଼ ବିଶ୍ୱାସ ଓ ଶୃଙ୍ଖଳିତ ଅଭ୍ୟାସ ବୋଲି ପ୍ରକାଶ କରି ଅଭିନନ୍ଦନ ଜଣାଇଛନ୍ତି।

ଉତ୍କଳ ଦୀପିକା

ଭୁବନେଶ୍ୱର
୧୭ ଫେବ୍ରୁୟାରୀ
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27









କଟକ : ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ସେଲିବ୍ରିଟି କ୍ରିକେଟ୍ ମ୍ୟାଚ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । (ଫଟୋ : ସମ୍ବାଦ କଳିକା)

# ଶ୍ରୀମନ୍ଦିରରେ ପୂଜା ହେଲା ଆଇପିଏଲ୍ ଟ୍ରଫି

## ବିଜୟୀ ହେବାକୁ 'କୋଲକତା ନାଇଟ୍ ରାଇଡର୍ସ'ର ପ୍ରାର୍ଥନା

ଭୁବନେଶ୍ୱର, ୧୬/୦୨ ନ୍ୟୁଜ ବ୍ୟୁରୋ
ପୁରୀରେ ଆଇପିଏଲ୍ ଟ୍ରଫି । ଆସନ୍ତା ମାର୍ଚ୍ଚରୁ ଆଇପିଏଲ୍ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ପୂର୍ବରୁ ଆଇପିଏଲ୍ ଟ୍ରଫିକୁ ଶ୍ରୀମନ୍ଦିର ଅଣାଯାଇ ମହାପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଛି । 'କୋଲକତା ନାଇଟ୍ ରାଇଡର୍ସ'ର ସଦସ୍ୟମାନେ ଏହି ଟ୍ରଫି ରବିବାର ଶ୍ରୀମନ୍ଦିରକୁ ଆଣି ପୂଜାର୍ଚ୍ଚନା କରିଛନ୍ତି । ଏହି ଟ୍ରଫିକୁ ଦେଖିବା ପାଇଁ ଲୋକଙ୍କ ପ୍ରବଳ ସମାଗମ ହୋଇଥିଲା। ତେବେ ଗତବର୍ଷ 'କୋଲକତା ନାଇଟ୍ ରାଇଡର୍ସ' ଆଇପିଏଲ୍ ଟ୍ରଫି ହାତେଇଥିବା ବେଳେ ଏବର୍ଷ ଆଇପିଏଲ ଟ୍ରଫି ପୁନର୍ବାର କିଭଳି ନିଜ କବ୍‌ଜାରେ ରଖିବ, ସେନେଇ ସଦସ୍ୟ ମାନେ ଆଶାବାଦୀ ଅଛନ୍ତି । ଅନ୍ୟପଟେ ଆଇପିଏଲ୍ ଟ୍ରଫି ଦେଖି ସେବାୟତ ମାନେ ବେଶ୍ ଉତ୍ସାହିତ ହୋଇ ପଡିଛନ୍ତି । ଆଇପିଏଲ୍ ଟ୍ରଫିକୁ ପୂଜାର୍ଚ୍ଚନା କରି ବିଜୟ ହାସଲ କରିବା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛି 'କୋଲକତା ନାଇଟ୍ ରାଇଡର୍ସ' ।

ସେହିପରି ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବଡ଼ ମହାସ୍ନାନ ହୋଇଛି। ବେହେରଣ ଦ୍ୱାର ନିକଟରେ ରକ୍ତ ଛିଟା ପଡ଼ିଥିବା ଦୃଷ୍ଟି ଆକର୍ଷଣ ହେବାରୁ ଠାକୁରଙ୍କର ବଡ଼ ମହାସ୍ନାନ ହୋଇଛି। ଯାହାଫଳରେ ଦର୍ଶନରେ କିଛି ସମୟ ପାଇଁ ବ୍ୟାଘାତ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ ଅବକାଶ ପୂଜା ପରେ ମଇଲମ, ରୋଷହୋମ ହୋଇ ମହାପ୍ରଭୁଙ୍କ ବେଶ ହେବା ସମୟରେ ସେବାୟତ ରକ୍ତ ଛିଟା ଦେଖିବାକୁ ପାଇଥିଲେ। କେଉଁ କାରଣ ଯୋଗୁଁ ରକ୍ତ ଛିଟା ପଡ଼ିଛି ତାହା ଜଣାପଡି ନାହିଁ। ତେବେ ସେବାୟତଙ୍କ ଦୃଷ୍ଟି ଆକର୍ଷଣ ହେବାରୁ ଦର୍ଶନ ବନ୍ଦ କରାଯାଇ ଠାକୁରଙ୍କର ବଡ଼ ମହାସ୍ନାନ କରା ଯାଇଛି। ମହାସ୍ନାନ ପରେ ଚୂନ ପାଣି ପଡି ଗୋପାଳବଲ୍ଲଭ ନୀତି ଅନୁଷ୍ଠିତ ହୋଇଛି। ଯେଉଁଥିପାଇଁ ଶ୍ରୀମନ୍ଦିରରେ କିଛି ସମୟ ପାଇଁ ସାଧାରଣ ଦର୍ଶନ ବନ୍ଦ ରହିଥିଲା ।

# ଓଡ଼ିଶାରେ ମଜଭୁତ ହେଉଛି ଭିତ୍ତିଭୂମି : ବିଛାଗଲା ୩୦୯୩ କିମିର ରେଳ ଲାଇନ ନେଟ୍‌ୱାର୍କ

ଭୁବନେଶ୍ୱର ୧୬/୦୨ ନ୍ୟୁଜ ବ୍ୟୁରୋ
ରାଜ୍ୟ ଏବେ ଅଭିବୃଦ୍ଧି ପଥରେ ଥିବାବେଳେ ଏହାର ଭିତ୍ତିଭୂମି ଦୃଢ଼ୀକରଣ ଦିଗରେ ଆଖିଦୃଶିଆ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଉଛି। ଏହି କ୍ରମରେ ରାଜ୍ୟରେ ରେଳ ଭିତ୍ତିଭୂମି ଏବଂ ନେଟ୍‌ୱର୍କ ସମ୍ପ୍ରସାରଣ କରାଯାଉଛି। ୨୦୨୪-୨୫ ଅବଧିରେ ରାଜ୍ୟର ରେଳ ଭିତ୍ତିଭୂମି ସମ୍ପ୍ରସାରଣ ଲାଗି ୧୦.୬ ହଜାର କୋଟି ଆବଣ୍ଟନ କରିଛନ୍ତି କେନ୍ଦ୍ର ସରକାର। ରାଜ୍ୟରେ ୨୦୧୯-୨୦ରେ ୨୯୫୨ କିମିର ରେଳ ଲାଇନ ବିଛାଯାଇଥିବା ବେଳେ ୨୦୨୩-୨୪ରେ ଏହା ୪% ବୃଦ୍ଧି ହୋଇ ୩୦୯୩ କିମି ଛୁଇଁଥିବା ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୪-୨୫ରେ କୁହାଯାଇଛି। ରିପୋର୍ଟ ମୁତାବକ ନିକଟରେ ବରଗଡ଼, ନୂଆପଡ଼ା, ସୁନ୍ଦରଗଡ଼, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି ଭଳି ୯ଟି ଜିଲ୍ଲା



ଲାଗି ୮ ନୂଆ ରେଳ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ସେହିଭଳି ସଡ଼କ ନେଟ୍‌ୱର୍କ ସମ୍ପ୍ରସାରଣକୁ ମଧ୍ୟ ପ୍ରାଥମିକତା ଦେଇଛି ରାଜ୍ୟ। ୨୦୧୯-୨୦ରେ ସଡ଼କ ଏବଂ ସେତୁ ବାବଦକୁ ମୋଟ ୭୯୯୬ କୋଟି ବ୍ୟୟବରାଦ ହୋଇଥିଲା। ଏହା ୨୦୨୪- ୨୫ରେ ୧୯,୪୫୬ କୋଟିକୁ ବଢ଼ିଛି। ରାଜ୍ୟରେ ଏନ୍‌ଏଚ୍, ରାଜ୍ୟ ରାଜପଥ, ଜିଲ୍ଲା ସଡ଼କ, ଗ୍ରାମୀଣ ସଡ଼କ ଭଳି ବିଭିନ୍ନ ବର୍ଗର ରାସ୍ତା ନିର୍ମାଣ ତ୍ୱରାନ୍ୱିତ ହୋଇଥିବାରୁ ରାଜ୍ୟରେ ସଡ଼କ ପଥର ଦୈର୍ଘ୍ୟ ବଢ଼ିଛି। ରାଜ୍ୟରେ ୭୫ ହଜାର କିମିର ଗୁଣାତ୍ମକ ସଡ଼କ ବିକାଶ ଲାଗି ରାଜ୍ୟ ସରକାର ଯୋଜନା ରଖିଛନ୍ତି। ଏହା ରାଜ୍ୟର ଯୋଗାଯୋଗ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ପୁଞ୍ଜି ନିବେଶ ବୃଦ୍ଧି ଏବଂ ନୂତନ ଗନ୍ତବ୍ୟ ନୀତି, ବେସାମରିକ ବିମାନ ଚଳାଚଳ ନୀତି ଏବଂ ଉଡାନ ଯୋଜନାର କାର୍ଯ୍ୟକାରିତା ଯୋଗୁ ରାଜ୍ୟରେ ବେସାମରିକ ବିମାନ ଚଳାଚଳ କ୍ଷେତ୍ର କାର୍ଯ୍ୟକଳାପ ତ୍ୱରାନ୍ୱିତ ହୋଇଛି । ରାଜ୍ୟରେ ଏବେ ଗୋଟିଏ ଅନ୍ତର୍ଜାତୀୟ ବିମାନ ବନ୍ଦର ସହ ୫ଟି କାର୍ଯ୍ୟକ୍ଷମ ବନ୍ଦର ରହିଛି। ଏହା ସହ ରାଜ୍ୟରେ ବିମାନ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ପୁରୀରେ ଗ୍ରୀନ ଫିଲ୍ଡ ଅନ୍ତର୍ଜାତୀୟ ବିମାନ ବନ୍ଦର ସହ ରାଜ୍ୟରେ ୧୦ ଅତିରିକ୍ତ ଏୟାରଷ୍ଟ୍ରିପ୍ ବିକଶିତ କରାଯାଉଛି । ଏବେ ଓଡ଼ିଶାରୁ ଦେଶର ୨୨ ସହର ସହ ସିଧାସଳଖ ବିମାନ ଚଳାଚଳ ସୁବିଧା କରାଯାଇଛି । ଓଡ଼ିଶାରୁ ଏବେ ବ୍ୟାଙ୍କକ୍, ଦୁବାଇ, ସିଙ୍ଗାପୁର ଓ କୁଆଲାଲମ୍ପୁର ଭଳି ଅନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳ ସହ ସିଧାସଳଖ ବିମାନ ସେବା ଉପଲବ୍ଧ ହେଉଛି । ପ୍ରଥମ ୩ ଗନ୍ତବ୍ୟସ୍ଥଳ ଲାଗି ରାଜ୍ୟ ସରକାର ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ (ଭିଜିଏଫ୍) ସହାୟତା ପ୍ରଦାନ କରୁଛନ୍ତି। ନିକଟରେ ରାଜ୍ୟ ନୂଆ ଘରୋଇ ଓ ଅନ୍ତର୍ଜାତୀୟ ବିମାନ ଉଡାଣ ଆରମ୍ଭ କରୁଥିବା କମ୍ପାନୀଗୁଡ଼ିକୁ ପ୍ରୋତ୍ସାହନ ପ୍ରଦାନ କରି ନୂଆ ଗନ୍ତବ୍ୟ ନୀତି ୨୦୨୪ ଅଣାଯାଇଛି । ନୂଆ ନୀତି ଅନୁସାରେ ଭୁବନେଶ୍ୱର ଓ ଝାରସୁଗୁଡାରୁ ୮ଟି ଘରୋଇ ରୁଟ୍‌ରେ ବିମାନ ଚଳାଚଳକୁ ମଞ୍ଜୁରି ମିଳିଛି। ଏହା ରାଜ୍ୟର ବିମାନ ଯାତ୍ରା ଏବଂ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ୨୦୨୧-୨୨ରେ ରାଜ୍ୟରୁ ବିମାନ ଯାତ୍ରା କରିଥିବା ଯାତ୍ରୀଙ୍କ ସଂଖ୍ୟା ୨୧.୬ ଲକ୍ଷ ଥିବା ବେଳେ ୨୦୨୩-୨୪ରେ ଏହା ୪୧.୬ ଲକ୍ଷକୁ ବୃଦ୍ଧି ହୋଇଛି ।

# ଆମେରିକାରୁ ଭାରତ ଫେରିଲେ ୨୭୬ ଅବୈଧ ପ୍ରବାସୀ

ଅମୃତସର,୧୬/୦୨
ନ୍ୟୁଜ ବ୍ୟୁରୋ
ଦ୍ୱିତୀୟ ପର୍ଯ୍ୟାୟରେ ଆମେରିକାରୁ ଆଉ ୧୧୯ ଜଣ ଅବୈଧ ପ୍ରବାସୀ ଭାରତୀୟ ସ୍ୱଦେଶ ଫେରିଛନ୍ତି। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା ଓ ୨ ଜଣ ନାବାଳକ ଅଛନ୍ତି। ଆମେରିକାର ସାମରିକ ପରିବହନ ବିମାନ ଯୋଗେ ଶନିବାର ରାତିରେ ସେମାନେ ଅମୃତସର ବିମାନ-ବନ୍ଦରରେ ଆସି ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରେ ୬୭ ଜଣ ପଞ୍ଜାବର ହୋଇଥିଲା ବେଳେ ହରିୟାଣାର ୩୩, ଗୁଜରାଟର ୮, ଉତ୍ତରପ୍ରଦେଶର ୩, ମହାରାଷ୍ଟ୍ରର ୨, ରାଜସ୍ଥାନର ୨, ଗୋଆର ୨ ଏବଂ ହିମାଚଳ ପ୍ରଦେଶ ଓ ଜମ୍ମୁ-କଶ୍ମୀରର ଜଣେ ଲେଖାଏଁ ଅଛନ୍ତି। ରବିବାର ତୃତୀୟ ପର୍ଯ୍ୟାୟରେ ଆହୁରି ୧୫୭ ଜଣ ଅବୈଧ ପ୍ରବାସୀ ଭାରତୀୟଙ୍କୁ ଧରି ଆମେରିକାର ଏକ ବିମାନ ଆସିଥିବା ସୂଚନା ମିଳିଛି । ଗତ ୫ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୦୪ ଜଣ ଭାରତୀୟଙ୍କୁ ଧରି ଆମେରିକାର ଏକ ବିମାନ ଅମୃତସରରେ ପହଞ୍ଚିଥିଲା । ଗତ ଜାନୁଆରୀ ୨୦ ତାରିଖରେ ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଅବୈଧ ପ୍ରବାସୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି କ୍ରମରେ ଆମେରିକାର ବିଭିନ୍ନ ରାଜ୍ୟରେ ଚଢ଼ଉ କରାଯାଇ ଅବୈଧ ପ୍ରବାସୀଙ୍କୁ ଧରାଯିବା ସହ ନିଜ ନିଜ ଦେଶକୁ ପଠାଇ ଦିଆଯାଉଛି ।

# ଶରୀର ଓ ମନ ମଧ୍ୟରେ ସନ୍ତୁଳନ ଜରିଆରେ ଆଧ୍ୟାତ୍ମିକ ଉତ୍ତରଣ ସମ୍ଭବ : ନବୀନ



ଭୁବନେଶ୍ୱର, ୧୬/୨ ନ୍ୟୁଜ ବ୍ୟୁରୋ
ରବିବାର ଭୁବନେଶ୍ୱର ଜନତା ମୈଦାନରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଜୟନ୍ତୀ ତଥା ସତ୍‌ସଙ୍ଗ ବିହାର ମନ୍ଦିରରେ ଶ୍ରୀବିଗ୍ରହ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ଜନତା ମୈଦାନରେ ଠାକୁରଙ୍କ ଭକ୍ତମାନଙ୍କର ଏକ ଭବ୍ୟ ସମ୍ମେଳନର ଆୟୋଜନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇ ଠାକୁରଙ୍କ ଫଟୋଚିତ୍ର ପ୍ରତିମାରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ତର୍ପଣ ପୁସ୍ତିକାର ଶୁଭ ଉନ୍ମୋଚନ କରିଥିଲେ। ଏହି ଅବସରରେ ସମବେତ ଭକ୍ତ ମଣ୍ଡଳୀଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସେବା ଓ ପ୍ରେମ ପରି ଦିବ୍ୟ ଗୁଣ ସହିତ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ଉପରେ ଶ୍ରୀ ଠାକୁର ଗୁରୁତ୍ୱ ଦେଉଥିଲେ। ବର୍ତ୍ତମାନର ବ୍ୟସ୍ତ ବହୁଳ ଜୀବନରେ ଠାକୁରଙ୍କ ବାଣୀର ବିଶେଷ ପ୍ରାସଙ୍ଗିକତା ରହିଛି ବୋଲି ମତ ଦେଇ ଶ୍ରୀ ପଟ୍ଟନାୟକ ଉଭୟ ମନ ଓ ଶରୀର ମଧ୍ୟରେ ସନ୍ତୁଳନ ରକ୍ଷା ଜରିଆରେ ଆଧ୍ୟାତ୍ମିକ ଉତ୍ତରଣ ସମ୍ଭବ ହୋଇପାରିବ ବୋଲି କହିଥିଲେ। ସମାଜରେ ଏକ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି ଦିଗରେ ସତ୍‌ସଙ୍ଗ ମଣ୍ଡଳୀର ନିଷ୍ପାପର କାର୍ଯ୍ୟର ଶ୍ରୀ ପଟ୍ଟନାୟକ ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୁଶାନ୍ତ ରାଉତ ଓ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେବା ପୂର୍ବରୁ ଚାଲିଗଲା ଡିଏସ୍‌ପିଙ୍କ ଜୀବନ



ଯାଜପୁର, ୧୬/୨ ନ୍ୟୁଜ ବ୍ୟୁରୋ
ରାଜ୍ୟରେ ବଢ଼ିବାରେ ଲାଗିଛି ସଡ଼କ ଦୁର୍ଘଟଣା। ରାଜରାସ୍ତାରେ ଯାଉଛି ଗୋଟିଏ ପରେ ଗୋଟିଏ ଜୀବନ । ପୁଣି ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଚାନ୍ଦପୁର ଛକ ନିକଟରେ ଘଟିଛି ମର୍ମନ୍ତୁଦ ଦୁର୍ଘଟଣା। ଏକ ଟ୍ରକ୍ ରଙ୍ଗ୍ ରୁଟରେ ଆସି ଭାରସାମ୍ୟ ହରାଇ କାର୍‌କୁ ଧକ୍କା ଦେଇଥିଲା। ଫଳରେ ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରୁ ଜଣେ ଯାଜପୁର ଜିଲ୍ଲାରେ କାର୍ଯ୍ୟରତ ଡିଏସ୍‌ପି ବୋଲି ଜଣାପଡିଛି। ତାଙ୍କର ଜଗତସିଂହପୁର ବଦଳି ହୋଇ ଯାଇଥିବାରୁ ତାଙ୍କ ପାଇଁ ରବିବାର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ମୃତ ଡିଏସ୍‌ପି ସେହି ଉତ୍ସବରେ ଯୋଗଦେବା ପାଇଁ ଯାଉଥିଲେ। ମିଳିଥିବା ସୂଚନା ଅନୁସାରେ ଡିଏସ୍‌ପି ବଳରାମ ନାୟକ କେନ୍ଦୁଝର ଜିଲ୍ଲା ଘଟଗାଁସ୍ଥିତ ନିଜ ଘରୁ ଯାଜପୁର ଆସୁଥିଲେ । ଦୁର୍ଘଟଣା ଘଟିବା ସମୟରେ କାର୍‌ରେ ଡିଏସ୍‌ପି ବଳରାମ ଏବଂ ତାଙ୍କର ଜଣେ ସମ୍ପର୍କୀୟ କୃଷ୍ଣଚନ୍ଦ୍ର ନାୟକ ଥିଲେ। ଦୁର୍ଘଟଣା ପରେ ବଳରାମ ଏବଂ ତାଙ୍କ ସମ୍ପର୍କୀୟ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଡିଏସ୍‌ପି ବଳରାମଙ୍କୁ ମୃତ ଘୋଷଣା କରିଥିଲେ। ପାଣିକୋଇଲି ଥାନା କୃପାଳୁ ରାଇସ୍ ମିଲ୍ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ଡିଏସ୍‌ପିଙ୍କ କାର୍‌କୁ ଧକ୍କା ଦେବା ଫଳରେ ଘଟିଛି ଏଭଳି ଦୁଃଖଦ ଘଟଣା। ଅନ୍ୟପଟେ ପୋଲିସ ଟ୍ରକ୍ ଏବଂ କାର୍‌କୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ବଳରାମ ନାୟକ ଦୀର୍ଘଦିନ ଧରି ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟ କରିଥିଲେ ।




ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-8 • Issue-32 • 12-18th February 2025 • Bhubaneswar

ବର୍ଷ ଆରମ୍ଭରୁ ଦୁର୍ନୀତି ଉପରେ ପାହାର: ମାସକରେ ବନ୍ଧାହେଲେଣି ୭

୨୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ : ୯ ଦୋଷୀ ସାବ୍ୟସ୍ତ

ପାଠରେ କମ୍ ଖେଳରେ ଟପ୍ ଭାରତ ଖେଳାଳୀ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଅର୍ଥନୈତିକ ସର୍ଭେ: ଓଡ଼ିଶାରେ ୫ବର୍ଷରେ କୃଷି ଅଭିବୃଦ୍ଧି ହାର ୭%

## ଓଡ଼ିଶା ଚତୁର୍ଥ ବୃହତ୍ ମତ୍ସ୍ୟ ଉତ୍ପାଦନକାରୀ ରାଜ୍ୟ

ଭୁବନେଶ୍ୱର,୧୬/୦୨
ନ୍ୟୁଜ ବ୍ୟୁରୋ
ରାଜ୍ୟ କୃଷି କ୍ଷେତ୍ରରେ ଢେର ଅଗ୍ରଗତି କରୁଛି । ଜାତୀୟ ହାରାହାରିଠାରୁ ଓଡ଼ିଶାର ପ୍ରଦର୍ଶନ ଅତ୍ୟନ୍ତ ଭଲ ରହିଛି। ୨୦୧୯-୨୦ରୁ ୨୦୨୪- ୨୫(ଅଗ୍ରିମ ଆକଳନ) ମଧ୍ୟରେ ଓଡ଼ିଶାରେ କୃଷି କ୍ଷେତ୍ରର ବାର୍ଷିକ ଅଭିବୃଦ୍ଧି ହାର ୭% ରହିଛି । ଜାତୀୟ ହାରାହାରି ୪.୧% ତୁଳନାରେ ଏହା ବହୁ ମାତ୍ରାରେ ଅଧିକ । ୨୦୨୪-୨୫ରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ୩.୩% ଅଭିବୃଦ୍ଧି ରେକର୍ଡ କରାଯାଇଛି । ରାଜ୍ୟ ବିଧାନସଭାରେ ଉନ୍ମୋଚିତ ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୪-୨୫ରେ ଏହା ଉଲ୍ଲେଖ କରାଯାଇଛି । ଓଡ଼ିଶାରେ ଖାଦ୍ୟଶସ୍ୟ ଉତ୍ପାଦନ ୨୦୧୯-୨୦ରେ ୧୧୬.୯ ଲକ୍ଷ ମେଟ୍ରିକ୍ ଟନ୍ ଥିଲା । ଏହା ୨୦୨୩-୨୪ରେ ୧୪୩ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି । ଏ କ୍ଷେତ୍ରରେ ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ୫.୨% ରହିଛି । ଦେଶର ମୋଟ ଧାନ ଉତ୍ପାଦନରେ ଓଡ଼ିଶା ୮% ଯୋଗଦାନ ଦେଉଛି । ଏଥିସହିତ



ଏହା ଦେଶର ପଞ୍ଚମ ବୃହତ୍ ଧାନ ଉତ୍ପାଦନକାରୀ ରାଜ୍ୟ ପାଲଟିଛି । ୨୦୧୯-୨୦ରେ ରାଜ୍ୟରେ ୯୭.୬ ଲକ୍ଷ ମେଟ୍ରିକ୍ ଟନ୍ ଧାନ ଉତ୍ପାଦନ ହୋଇଥିବାବେଳେ ୨୦୨୩-୨୪ରେ ଏହା ୧୧୫.୪ ଲକ୍ଷ ମେଟ୍ରିକ୍‌ଟନ୍‌କୁ ବୃଦ୍ଧି ପାଇଛି । କପା, ମକା, ପନିପରିବା, ମସଲା ଆଦି ଅର୍ଥକାରୀ ଫସଲ ଚାଷ ବୃଦ୍ଧି ପାଇବା ଫଳରେ ରାଜ୍ୟରେ ଫସଲ ବିବିଧତା ବୃଦ୍ଧି ପାଉଛି, ଯାହା କୃଷକଙ୍କ ଆୟ ବୃଦ୍ଧି କରିବ । ଓଡ଼ିଶାରେ ପନିପରିବା ଉତ୍ପାଦନ ୨୦୧୯-୨୦ରେ ୯୭.୩୪ ଲକ୍ଷ ମେଟ୍ରିକ୍‌ଟନ୍ ଥିବାବେଳେ ୨୦୨୩- ୨୪ରେ ଏହା ୧୦୯.୩ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି । ସମଗ୍ର ଦେଶରେ ଓଡ଼ିଶା ସପ୍ତମ ବୃହତ୍ ପନିପରିବା ଉତ୍ପାଦନକାରୀ ରାଜ୍ୟ ପାଲଟିଛି, ଯାହା ଜାତୀୟ ଉତ୍ପାଦନରେ ୫.୨% ଯୋଗଦାନ ଦେଇଥାଏ । କୃଷକଙ୍କ ଆୟ ବୃଦ୍ଧି ଏବଂ ଖାଇବା ତେଲର ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ପାଇଁ ରାଜ୍ୟ ସରକାର ଅଏଲ୍ ପାମ୍ ଚାଷକୁ ପ୍ରୋତ୍ସାହିତ କରୁଛନ୍ତି । ୨୦୧୯-୨୦ରେ ତୈଳ ପାମ୍ କ୍ଷେତ୍ର ୬.୭ ହଜାର ହେକ୍ଟର ଥିବାବେଳେ ୨୦୨୩-୨୪ରେ ଏହା ୮.୮ ହଜାର ହେକ୍ଟରକୁ ବୃଦ୍ଧି ପାଇଛି । ଏ କ୍ଷେତ୍ରରେ ବାର୍ଷିକ ଅଭିବୃଦ୍ଧି ହାର ରହିଛି ୭.୧% । ୨୦୨୪-୨୫ରେ ୬୫୦୦ ହେକ୍ଟର ଏବଂ ୨୦୨୫-୨୬ରେ ୯୦ ହେକ୍ଟର ଜମିରେ ଅଏଲ୍ ପାମ୍ ଚାଷ କରିବାକୁ ରାଜ୍ୟ ସରକାର ଯୋଜନା ରଖିଛନ୍ତି । ଏହାବ୍ୟତୀତ ରାଜ୍ୟ ସରକାର ତୈଳ ପ୍ରକ୍ରିୟା-କରଣ ୟୁନିଟ୍ ପ୍ରତିଷ୍ଠା କରିବାକୁ ପ୍ରୋତ୍ସାହନ ଦେଉଛନ୍ତି, ଯାହ ନିଯୁକ୍ତି ସୃଷ୍ଟି କରିବା ସହ ଅଭିବୃଦ୍ଧି ଆଣିବ । ଉଭୟ ଖରିଫ ଏବଂ ରବି ଋତୁରେ ରାଜ୍ୟରେ ଜଳସେଚନ ଭିତ୍ତିଭୂମିରେ ଉନ୍ନତି ଘଟୁଛି ।

**ମୁଣ୍ଡ ପିଛା ଦୁଗ୍ଧ ଉପଲବ୍ଧତା ୧୫୬ ଗ୍ରାମ୍ :** ୨୦୨୩-୨୪ରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ୨୬.୪ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ୨୦୨୨-୨୩ରୁ ୨୦୨୩-୨୪ ମଧ୍ୟରେ ଏ କ୍ଷେତ୍ରରେ ୬.୮% ଅଭିବୃଦ୍ଧି ଘଟିଛି। ଏହା ଜାତୀୟ ହାରାହାରି ୩.୮% ଠାରୁ ଅଧିକ। ୨୦୨୩-୨୪ରେ ରାଜ୍ୟର ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ଦୈନିକ ୧୫୬ ଗ୍ରାମ୍ ରହିଛି। ଏହା ଆଗକୁ ବଢ଼ିବ ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ୨୦୨୪-୨୫ରେ ଗୋମାତା ଏବଂ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଭଳି ପଦକ୍ଷେପ ଆରମ୍ଭ କରିଥିଲେ। ଫଳରେ ଅଧିକ ଦୁଗ୍ଧ ଉତ୍ପାଦନ-କାରୀ ଗାଈଙ୍କ ସଂଖ୍ୟା ବୃଦ୍ଧି, ସ୍ୱାସ୍ଥ୍ୟ ଓ ଖାଦ୍ୟ ପରିଚାଳନାରେ ଉନ୍ନତି ଏବଂ ଭିତ୍ତିଭୂମି ବିକାଶ କରାଯାଇ ଦୁଗ୍ଧ ଉତ୍ପାଦନ ଏବଂ ମୁଣ୍ଡ ପିଛା ଉପଲବ୍ଧତା ବୃଦ୍ଧି କରାଯାଇଥିଲା।

**ମୁଣ୍ଡ ପିଛା ଅଣ୍ଡା ଉପଲବ୍ଧତା ୭୨:** ଓଡ଼ିଶାରେ କୁକୁଡ଼ା ପାଳନ କେନ୍ଦ୍ରଗୁଡ଼ିକର ବ୍ୟାପକ ବିକାଶ ଓ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଫଳରେ ଓଡ଼ିଶାରେ କୁକୁଡ଼ା ପାଳନ କ୍ଷେତ୍ରରେ ଆଖିଦୃଶିଆ ଅଭିବୃଦ୍ଧି ଦେଖିବାକୁ ମିଳିଛି । ୨୦୨୨-୨୩ରେ ରାଜ୍ୟରେ ଅଣ୍ଡା ଉତ୍ପାଦନ ୩୪୧.୧ କୋଟି ଥିବାବେଳେ ୨୦୨୩-୨୪ରେ ଏହା ୩୭୨.୩ କୋଟିକୁ ବୃଦ୍ଧି ପାଇଛି। ୯.୨% ଅଭିବୃଦ୍ଧି ସହ ଏହା ଜାତୀୟ ହାରାହାରି ୬.୮%ଠାରୁ ଅଧିକ ରହିଛି। ୨୦୨୩-୨୪ରେ ଓଡ଼ିଶାରେ ମୁଣ୍ଡ ପିଛା ଅଣ୍ଡା ଉପଲବ୍ଧତା ୭୨ ରହିଛି। ଅଣ୍ଡା ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ଏବଂ ଅଣ୍ଡାର ଉପଲବ୍ଧତା ବୃଦ୍ଧି ପାଇଁ ରାଜ୍ୟ ସରକାର ବାଣିଜ୍ୟିକ କୁକୁଡ଼ାକୁ ପ୍ରୋତ୍ସାହନ ଦେଉଛନ୍ତି ।

**ଚତୁର୍ଥ ବୃହତ୍ ମତ୍ସ୍ୟ ଉତ୍ପାଦନ-କାରୀ ରାଜ୍ୟ :** ଓଡ଼ିଶା ଭାରତର ଚତୁର୍ଥ ବୃହତ୍ ମତ୍ସ୍ୟ ଉତ୍ପାଦନକାରୀ ରାଜ୍ୟ। ଦେଶର ମୋଟ ଉତ୍ପାଦନରେ ଏହା ୬% ଯୋଗଦାନ ଦେଇଥାଏ । ଗତ ୫ ବର୍ଷ ମଧ୍ୟରେ ମାଛ ଉତ୍ପାଦନ ୮.୩% ସିଏଜିଆର ସହ ବଢ଼ିଛି। ୨୦୧୯-୨୦ରେ ରାଜ୍ୟରେ ୮.୨ ଲକ୍ଷ ମେଟ୍ରିକ୍‌ଟନ୍ ମାଛ ଉତ୍ପାଦନ ହୋଇଥିଲା। ଏହା ୨୦୨୩-୨୪ରେ ୧୧.୨ ଲକ୍ଷ ମେଟ୍ରିକ୍‌ଟନ୍‌କୁ ବୃଦ୍ଧି ପାଇଛି। ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ରପ୍ତାନି, ରୋଜଗାର ସୃଷ୍ଟି ଏବଂ ମତ୍ସ୍ୟଜୀବୀଙ୍କ ଆୟ ବୃଦ୍ଧି ପାଇଁ ସରକାର ୨୦୨୪-୨୫ରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଆରମ୍ଭ କରିଛନ୍ତି, ଯେଉଁଥିରେ ୫ ବର୍ଷ ମଧ୍ୟରେ ମୋଟ ୨୨୩୯ କୋଟି ଟଙ୍କାର ବଜେଟ ବ୍ୟୟବରାଦ ସହ ୧୭ ଉପ-ଯୋଜନା ରହିଛି।